ୟୁନିସେଫ୍ ଇଣ୍ଡିଆର ସେଲିବ୍ରିଟି ଆଡଭୋକେଟ୍ ହେଲେ ସ୍ମୃତି ମନ୍ଧାନା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
The only ISO Certified Odia Newspaper
NS-EN ISO 9001:2008




ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୫୩ ● ୧୨ ଅକ୍ଟୋବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-253 ● 12th October 2026, Monday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

### ତାମିଲନାଡୁକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ଲାଗି କେନ୍ଦ୍ର ସରକାର ପୂର୍ଣ୍ଣ ପ୍ରତିବଦ୍ଧ

# ‘ମୋତେ ତୁମ ଆଖିରେ ଭାରତର ଭବିଷ୍ୟତ ଦେଖାଯାଉଛି’

**ଚେନ୍ନାଇ, ୧୧।୧୦**

ତାମିଲନାଡୁକୁ ବିକାଶର ନୂଆ ଶିଖରରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇଦେବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରବିବାର ଚେନ୍ନାଇରେ ରେଳ, ମେଟ୍ରୋ, ରାଜପଥ, ବନ୍ଦର, ପେଟ୍ରୋଲିୟମ ଓ ଶିକ୍ଷା କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରି ସେ ଏହା କହିଛନ୍ତି । ଏହି ପ୍ରକଳ୍ପଗୁଡ଼ିକର ମୋଟ ମୂଲ୍ୟ ପ୍ରାୟ ୧୩ ହଜାର କୋଟି ଟଙ୍କା।



ଶ୍ରୀ ମୋଦୀ କହିଛନ୍ତି, ତାମିଲନାଡୁକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ଲାଗି କେନ୍ଦ୍ର ସରକାର ପୂର୍ଣ୍ଣ ପ୍ରତିବଦ୍ଧତାର ସହ ରାଜ୍ୟ ସହିତ ରହିଛନ୍ତି । ଉଭୟ ମିଶି ଏକ ବିକଶିତ ତାମିଲନାଡୁ ମାଧ୍ୟମରେ ବିକଶିତ ଭାରତର ସଂକଳ୍ପ ପୂରଣ କରିବାକୁ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି, ତାମିଲନାଡୁ ପାଇଁ ଆଜିର ଦିନ ଐତିହାସିକ। ପ୍ରାୟ ୧୩ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ରାଜ୍ୟର ବିକାଶକୁ ନୂଆ ଗତି ଦେବ। ଏଥିମଧ୍ୟରୁ କେତେକ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିବା ବେଳେ ଆଉ କେତେକ ନୂଆ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି ।

ଏହି ପ୍ରକଳ୍ପଗୁଡ଼ିକ ଲୋକଙ୍କ ଦୈନନ୍ଦିନ ଯାତାୟାତକୁ ସହଜ କରିବା ସହ ଶିଳ୍ପ ଓ ବାଣିଜ୍ୟର ବିକାଶରେ ସହାୟକ ହେବ। ଏହାଦ୍ୱାରା ରାଜ୍ୟର ଯୁବପିଢ଼ିଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ ବୋଲି ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି। ତାମିଲନାଡୁର ସାଂସ୍କୃତିକ ଐତିହ୍ୟ ଓ ଆଧୁନିକ ବିକାଶକୁ ଏକାଠି ଯୋଡ଼ି ପ୍ରଧାନମନ୍ତ୍ରୀ କହିଛନ୍ତି, ମନ୍ଦିରରୁ ମେଟ୍ରୋ ପର୍ଯ୍ୟନ୍ତ ତାମିଲନାଡୁର ଅଭିଜ୍ଞତା ଆଜିର ଭାରତର ପ୍ରକୃତ ଚିତ୍ରକୁ ପ୍ରତିଫଳିତ କରୁଛି। ଭାରତ ନିଜର ସାଂସ୍କୃତିକ ଶକ୍ତିରୁ ପ୍ରେରଣା ନେଉଛି, ବିଜ୍ଞାନର ଅଗ୍ରଗତି ଦ୍ୱାରା ଆଗକୁ ବଢୁଛି ଏବଂ ଆଧୁନିକ ଭିତ୍ତିଭୂମି ଜରିଆରେ ନୂଆ ସୁଯୋଗ ସୃଷ୍ଟି କରୁଛି । ଦେଶର ଐତିହ୍ୟ ଓ ଭବିଷ୍ୟତର ଆକାଂକ୍ଷା ଏକାସାଙ୍ଗରେ ଆଗକୁ ବଢୁଛି ବୋଲି ସେ କହିଛନ୍ତି।

ଏହି ଗସ୍ତ ସମୟରେ ଶ୍ରୀ ମୋଦୀ ଚେନ୍ନାଇ ମେଟ୍ରୋର ଆଉ ଏକ ପର୍ଯ୍ୟାୟକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବା ସହ ଆଇଆଇଟିରେ ଥିବା ବ୍ରେନ୍ ରିସର୍ଚ୍ଚ ସେଣ୍ଟର ପରିଦର୍ଶନ କରିଥିବା କହିଛନ୍ତି। ଏହି କ୍ଷେତ୍ରରେ ଗବେଷଣା ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ନୂଆ ସୁଯୋଗ ସୃଷ୍ଟି କରିପାରିବ ବୋଲି ସେ ମତ ଦେଇଛନ୍ତି। ସରକାରର ମୁଖ୍ୟ ଭାବେ ୨୫ ବର୍ଷ ପୂରଣ କରିବା ପ୍ରସଙ୍ଗ ଉଠାଇ ମୋଦୀ କହିଛନ୍ତି, ୨୦୦୧ ଅକ୍ଟୋବରରେ ସେ ପ୍ରଥମଥର ପାଇଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଏହାପରଠାରୁ ଦେଶବାସୀ ତାଙ୍କୁ ପ୍ରଥମେ ମୁଖ୍ୟମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ ଭାବେ ସେବା କରିବାର ସୁଯୋଗ ଦେଇଛନ୍ତି। ଏହି ୨୫ ବର୍ଷର ଯାତ୍ରାରେ ଗଣତନ୍ତ୍ରର ଦୁଇଟି ପ୍ରମୁଖ ଶକ୍ତି ଉପରେ ତାଙ୍କର ବିଶ୍ୱାସ ଆହୁରି ଦୃଢ଼ ହୋଇଛି। ପ୍ରଥମଟି ହେଉଛନ୍ତି ଦେଶର ଜନସାଧାରଣ ଏବଂ ଦ୍ୱିତୀୟଟି ହେଉଛି ସହଯୋଗୀ ସଂଘୀୟ ବ୍ୟବସ୍ଥା ବା କୋ-ଅପରେଟିଭ୍ ଫେଡେରାଲିଜମ୍।

ସେ କହିଛନ୍ତି, ସେ ସବୁବେଳେ ରାଜ୍ୟର ବିକାଶ ମାଧ୍ୟମରେ ଦେଶର ବିକାଶର ମନ୍ତ୍ର ନେଇ କାମ କରିଛନ୍ତି । ମୁଖ୍ୟମନ୍ତ୍ରୀ ଥିବା (ପୃଷ୍ଠା ୭ରେ)

### ସିଜେପି ବିକ୍ଷୋଭ ମାମଲାରେ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ‘ଦିଲ୍ଲୀରୁ ବାରିକେଡ ହଟାଯିବା ସହ ଇଣ୍ଟରନେଟ ସ୍ୱାଭାବିକ କରାଯାଉ’

**ନୂଆଦିଲ୍ଲୀ, ୧୧।୧୦**

ସୁପ୍ରିମକୋର୍ଟରେ ରବିବାର ସିଜେପିର ବିକ୍ଷୋଭ ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ହୋଇଛି, ଯେଉଁଥିରେ ବିକ୍ଷୋଭ କାରଣରୁ ମେଟ୍ରୋ ଏବଂ ଟ୍ରେନ ସେବା ବନ୍ଦ ରଖିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ଆବେଦନରେ ନିର୍ଦ୍ଦେଶ ଦେଇଥିବା ଅଧିକାରୀମାନଙ୍କ ବିରୋଧରେ କୋର୍ଟ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯେଉଁଠାରେ ଆଇନ ଶୃଙ୍ଖଳା ପରିସ୍ଥିତି



ବିଗିଡ଼ିବାର ଆଶଙ୍କା ରହିଛି, କେବଳ ସେହି ସ୍ଥାନଗୁଡ଼ିକରେ ବାରିକେଡ ଲଗାଯାଉ ଏବଂ ବାକି ସବୁ ସ୍ଥାନରୁ ବାରିକେଡ ହଟାଯାଉ, ଯାହାଫଳରେ ସାଧାରଣ ଲୋକଙ୍କ ଯାତାୟାତରେ କୌଣସି ଅସୁବିଧା ନ ହୁଏ। ମେଟ୍ରୋ ଏବଂ ଟ୍ରେନ ଚଳାଚଳ ମଧ୍ୟ ସ୍ୱାଭାବିକ କରାଯାଉ। ଇଣ୍ଟରନେଟ ସେବାକୁ ମଧ୍ୟ ପୁନଃ କାର୍ଯ୍ୟକ୍ଷମ କରାଯିବ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମଙ୍ଗଳବାର ଦିନ ହେବ।

କୋର୍ଟ ଅବମାନନା ଆବେଦନ ଏବଂ ବେଆଇନ ଅଟକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ କେନ୍ଦ୍ର ସରକାର ଶପଥପାଠ ଦାଖଲ କରି ଜଣାନ୍ତୁ ଯେ କାହିଁକି ତାଙ୍କ ବିରୋଧରେ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ସମସ୍ତ ମେଟ୍ରୋ ଷ୍ଟେସନକୁ କ’ଣ ବନ୍ଦ କରାଯାଇଥିଲା? ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଟ୍ରେନ (ପୃଷ୍ଠା ୭ରେ)

# ମଣିପୁରରେ ପୁଣି ହିଂସା : ୯ଜଣ ନିହତ

**ଇମ୍ଫାଲ, ୧୧।୧୦**

ମଣିପୁରର ପାହାଡ଼ିଆ ଜିଲ୍ଲାଗୁଡ଼ିକରେ କୁକି ଓ ନାଗା ସମ୍ପ୍ରଦାୟ ମଧ୍ୟରେ ସାନି ହିଂସା ଆରମ୍ଭ ହୋଇଛି। ଶୁକ୍ରବାର ରାତିରୁ ଶନିବାର ମଧ୍ୟରେ କାମଜୋଙ୍ଗ, ଉଖରୁଲ ଓ କାଙ୍ଗପୋକପି ଜିଲ୍ଲାରେ ଘଟିଥିବା ବିଭିନ୍ନ ହିଂସାକାଣ୍ଡରେ ୯ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହ ଅନେକ ଘର ଜାଳି ଦିଆଯାଇଛି। ରବିବାର ମଧ୍ୟ ପ୍ରଭାବିତ ଅଞ୍ଚଳରେ ଉତ୍ତେଜନା ଜାରି ରହିଥିବାରୁ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ୱାଇ ଖେମଚାନ୍ଦ ସିଂହ (ପୃଷ୍ଠା ୭ରେ)



## ବସ୍ ଓ ଟ୍ରକ୍ ମଧ୍ୟରେ ମର୍ମନ୍ତୁଦ ଦୁର୍ଘଟଣା: ୧୧ ମୃତ

**ଆଙ୍କାରା, ୧୧।୧୦**

ପଶ୍ଚିମ ତୁର୍କୀର ଗେବଜେ-ଓରହାଙ୍ଗାଜି-ଇଜମିର୍ ରାଜପଥର ଅଖିସାର ଟୋଲ୍ ଗେଟ୍ ନିକଟରେ ରବିବାର ଏକ ପର୍ଯ୍ୟଟନ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବା ଯୋଗୁ ଭୟଙ୍କର ଦୁର୍ଘଟଣା ଘଟିଛି ଓ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ୨୭ ଜଣ ପର୍ଯ୍ୟଟକ ଆହତ ହୋଇଥିବା କର୍ତ୍ତୃପକ୍ଷ କହିଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବସଟି ରାସ୍ତାରେ ଓଲଟି ପଡ଼ିଥିଲା ଓ ଏହାର ସମ୍ମୁଖ ଭାଗ ଭାଙ୍ଗିଯାଇଥିଲା। ବସ୍‌ଟି ବୁର୍ସାରୁ ଇଜମିର୍ ଅଭିମୁଖେ ଯାତ୍ରା କରୁଥିଲା ଓ ଡେନିଜଲି ପ୍ରଦେଶର ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ପାମୁକାଲେକୁ ଯାଉଥିବାବେଳେ ମାନିସା ପ୍ରଦେଶରେ ଦୁର୍ଘଟଣା ଘଟିଛି। ମାନିସା ଗଭର୍ଣ୍ଣର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ସ୍ଥାନୀୟ ସମୟ ସକାଳ ୧୧ଟା ୧୧ ମିନିଟରେ ଦୁର୍ଘଟଣା (ପୃଷ୍ଠା ୭ରେ)

# ରିୟାଦ ବିମାନବନ୍ଦରରେ ଆକ୍ରମଣ : ଜଣେ ଆମେରିକୀୟଙ୍କ ସମେତ ୧୨ ମୃତ

**ରିୟାଦ, ୧୧।୧୦**

ସାଉଦି ଆରବର ରାଜଧାନୀ ରିୟାଦସ୍ଥିତ କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ଜଣେ ଆମେରିକୀୟଙ୍କ ସମେତ ଅତି କମ୍‌ରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୩୦୯ ଜଣ ଆହତ ହୋଇଛନ୍ତି। ସାଉଦି ଆରବର ସାଧାରଣ ବିମାନ ଚଳାଚଳ ପ୍ରାଧିକରଣ କହିଛି ଯେ ମୃତକଙ୍କ ମଧ୍ୟରେ ଚାରି ଜଣ ସାଉଦି ନାଗରିକ, ଦୁଇ ଜଣ ବାଂଲାଦେଶୀ ଏବଂ ଇଜିପ୍ଟ, ଜୋର୍ଡାନ, ସିରିଆ, ପାଲେଷ୍ଟାଇନ ଓ ସୁଦାନର ଜଣେ ଲେଖାଏଁ ନାଗରିକ ଅଛନ୍ତି। ଅଧିକାରୀମାନେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ମାଧ୍ୟମରେ କହିଛନ୍ତି ଯେ ଆହତମାନଙ୍କର ସ୍ଥାନୀୟ ଡାକ୍ତରଖାନାଗୁଡ଼ିକରେ ଚିକିତ୍ସା ଚାଲିଛି। ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ଇରାନ



ସମର୍ଥିତ ଆତଙ୍କବାଦୀ ସଂଗଠନ ହୁତି ଏହି ଆକ୍ରମଣର ଦାୟିତ୍ୱ ଏପର୍ଯ୍ୟନ୍ତ ନେଇନାହିଁ।

ରିପୋର୍ଟ ଅନୁଯାୟୀ, ଆକ୍ରମଣ ପରେ ବିମାନବନ୍ଦରର କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା। ଏହି ଆକ୍ରମଣରେ ବିମାନବନ୍ଦର କ୍ଷତିଗ୍ରସ୍ତ ହୋଇଛି। ଅଧିକାରୀମାନେ କ୍ଷୟକ୍ଷତିର ଆକଳନ କରୁଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଖୁବ୍‌ଶୀଘ୍ର କୌଣସି ନିଷ୍ପତ୍ତି ନେବେ। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ (ପୃଷ୍ଠା ୭ରେ)

## ଭାରତର ତୀବ୍ର ନିନ୍ଦା

**ନୂଆଦିଲ୍ଲୀ, ୧୧।୧୦**

ସାଉଦି ଆରବର ରାଜଧାନୀ ରିୟାଦସ୍ଥିତ କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟ ନାଗରିକ ଭିତ୍ତିଭୂମି ଉପରେ ହୋଇଥିବା ଆକ୍ରମଣକୁ ଭାରତ କଡ଼ା ଶବ୍ଦରେ ନିନ୍ଦା କରିଛି।

ବୈଦେଶିକ ମନ୍ତ୍ରଣାଳୟର ବିବୃତ୍ତିରେ କୁହାଯାଇଛି, “ଗତ କିଛି ଦିନ ମଧ୍ୟରେ ରିୟାଦର କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ବାରମ୍ବାର ହୋଇଥିବା ଆକ୍ରମଣକୁ ଆମେ କଡ଼ା ନିନ୍ଦା କରୁଛୁ। ଏଥିରେ ଅକ୍ଟୋବର ୧୦ ତାରିଖରେ ହୋଇଥିବା କାପୁରୁଷୋଚିତ ଆକ୍ରମଣ ମଧ୍ୟ ସାମିଲ ରହିଛି। ଏହି ଆକ୍ରମଣରେ ଲୋକଙ୍କ ଜୀବନ ଯାଇଛି, ଅନେକ ଆହତ (ପୃଷ୍ଠା ୭ରେ)

# ନେପାଳରେ ପୁଣି ବନ୍ୟା: ଭାସିଗଲା ୩୫ରୁ ଅଧିକ ଘର ସହିତ ଏକାଧିକ ବ୍ରିଜ୍

**କାଠମାଣ୍ଡୁ, ୧୧।୧୦**

ନେପାଳର ଗୋର୍ଖା ଜିଲ୍ଲାର ଚୁମନବ୍ରୀ ଗାଁରେ ରବିବାର ଆକସ୍ମିକ ବନ୍ୟାରେ ୩୫ରୁ ଅଧିକ ଘର ସହିତ ଏକାଧିକ ସେତୁ ଭାସିଯାଇଥିବା ବେଳେ ଏକ ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ବୁଢ଼ୀଗଣ୍ଡକି ନଦୀରେ ଏହି ବନ୍ୟା ହୋଇଛି। ବୁଢ଼ୀଗଣ୍ଡକି ହେଉଛି ତ୍ରିଶୂଳୀ ନଦୀର ଏକ ଉପନଦୀ। ଗତ ଅଗଷ୍ଟ ୨୬ ତାରିଖରେ ତ୍ରିଶୂଳୀ ନଦୀରେ ଆସିଥିବା ପ୍ରଳଙ୍କରୀ ଆକସ୍ମିକ ବନ୍ୟାରେ ୧୪୫୭ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକଙ୍କ ଏଯାଏ ପତ୍ତା ମିଳିପାରିନାହିଁ।

ନେପାଳର ନ୍ୟାସନାଲ ଡିଜାଷ୍ଟର ରିସ୍କ ରିଡକ୍ସନ ଆଣ୍ଡ ମ୍ୟାନେଜମେଣ୍ଟ ଅଥରିଟୀ କହିଛି ଯେ ବୁଢ଼ୀଗଣ୍ଡକି ନଦୀର ଜଳ ସ୍ତର ରବିବାର ସକାଳ ସାଢ଼େ ୬ଟାରେ ୩.୬୬ ମିଟର ଥିବା ବେଳେ ସକାଳ ୮ଟା ୪୦ରେ ଏହା ୮.୪୩ ମିଟରକୁ ବୃଦ୍ଧି ପାଇଥିଲା। କେବଳ ୮ଟା ୩୦ରୁ ୮ଟା ୪୦ ମଧ୍ୟରେ ଜଳସ୍ତର ୨ ମିଟର ବଢ଼ି ଯାଇଥିଲା। ଯେହେତୁ ଏହି ଆକସ୍ମିକ ବନ୍ୟାରେ ମେଜରମେଣ୍ଟ ସେଣ୍ଟର ଭାସି ଯାଇଛି।

ବର୍ଷା ଯୋଗୁ ଏହି ବନ୍ୟା ହୋଇନାହିଁ ବୋଲି ସ୍ପଷ୍ଟ କରି ଏନ୍‌ଡିଆରଆରଏମ୍ଏ କହିଛି ଯେ ପ୍ରାଥମିକ ସୂଚନା ଓ ସାଟେଲାଇଟ୍ ଚିତ୍ରଗୁଡ଼ିକର ସମୀକ୍ଷାରୁ ଆକଳନ କରାଯାଉଛି ଯେ ପ୍ରଥମେ କୌଣସି ବସ୍ତୁ ଦ୍ୱାରା ନଦୀର ଗତିପଥ ଅବରୋଧ ହୋଇଥାଇପାରେ। ପରେ ଏହା ଭୁଶୁଡ଼ି ଯିବାରୁ ଆକସ୍ମିକ ବନ୍ୟା ହୋଇ ହୋଇଥାଇପାରେ। ଏହି ଆକସ୍ମିକ ବନ୍ୟାର କାରଣ ଜାଣିବା ପାଇଁ ସବିଶେଷ ବୈଷୟିକ ସମୀକ୍ଷା (ପୃଷ୍ଠା ୭ରେ)

## ଡଙ୍ଗା ବୁଡ଼ି ୧୦୯ ଜଣଙ୍କ ଜୀବନ ଗଲା

**ନୂଆଦିଲ୍ଲୀ, ୧୧।୧୦**

ଦକ୍ଷିଣ ଆଫ୍ରିକାର ଡିଜିବୁଟି ଉପକୂଳରେ ପ୍ରବାସୀମାନଙ୍କର ଡଙ୍ଗା ବୁଡ଼ିଯାଇଛି। ଯାତ୍ରୀବାହୀ ଡଙ୍ଗା ବୁଡ଼ିବା କାରଣରୁ ୧୦୯ ଜଣ ପ୍ରବାସୀ ନାଗରିକଙ୍କର ମୃତ୍ୟୁ ଘଟିଛି, ଯେଉଁଥିରେ ୧୫ ଜଣ ଶିଶୁ ମଧ୍ୟ ସାମିଲ ଅଛନ୍ତି। ପ୍ରବାସୀମାନଙ୍କର ଅନ୍ତର୍ଜାତୀୟ ସଂଗଠନ ଗଣମାଧ୍ୟମକୁ ଏହି ସୂଚନା ଦେଇଛି। ଏଥିରେ କୁହାଯାଇଛି ଯେ, ଡଙ୍ଗାରେ ୩୦୫ ଜଣ ପ୍ରବାସୀ ଥିଲେ।

# ଦୁଇ ରାଜନୈତିକ ଗୋଷ୍ଠୀ ମୁହାଁମୁହିଁ ଆଶଙ୍କା : ବରାଳ ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ୧୬୩ ଧାରା ଜାରି

**ସାକ୍ଷୀଗୋପାଳ, ୧୧।୧୦**
**ନ୍ୟୁଜ୍ ବ୍ୟୁରୋ**

ଶାସକ ଓ ବିରୋଧୀ ଦୁଇ ରାଜନୈତିକ ଗୋଷ୍ଠୀ ମୁହାଁମୁହିଁ ଆଶଙ୍କା ଥିବାରୁ ସତ୍ୟବାଦୀ ପ୍ରଶାସନ ପକ୍ଷରୁ ବରାଳ ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ବିଏନଏସର ୧୬୩ ଧାରା ଲାଗୁ କରାଯାଇଛି। ପୋଲିସ ମାଇକ ଯୋଗେ ରବିବାରଠାରୁ ଆଗାମୀ ୬୦ ଦିନ ପର୍ଯ୍ୟନ୍ତ କଟକଣା ସମ୍ପର୍କରେ ଗ୍ରାମରେ ସୂଚନା ଦେଇଛନ୍ତି। ମନ୍ଦିର ଠାରୁ ୫ ଶହ ମିଟର ମଧ୍ୟରେ ୫ଜଣ କିମ୍ବା ଅଧିକ ବ୍ୟକ୍ତି ଏକାଠି ହୋଇପାରିବେ ନାହିଁ ଏବଂ କୌଣସି ଅସ୍ତ୍ରଶସ୍ତ୍ର ରଖି ପାରିବେ ନାହିଁ। ସଭା ସମିତି, ମାଇକ୍ ଯୋଗେ ଉତ୍ତେଜନା ପୂର୍ଣ୍ଣ ପ୍ରଚାର କରିପାରିବେ ନାହିଁ ବୋଲି ସତର୍କ କରାଇ ଦିଆଯାଇଛି। ଆଇନ ଅମାନ୍ୟ କରିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି।




## ଚେନ୍ନାଇ ଯାଉଥିବା ବିମାନରେ ନିଆଁ, ଜରୁରୀ ଅବତରଣ

**ନୂଆଦିଲ୍ଲୀ, ୧୧।୧୦**

ଦିଲ୍ଲୀରୁ ଚେନ୍ନାଇ ଯାଉଥିବା ଏକ ଇଣ୍ଡିଗୋ ବିମାନ ଲଗେଜ କମ୍ପାର୍ଟମେଣ୍ଟରେ ନିଆଁ ଲାଗିଯିବାରୁ ବିମାନକୁ ହାଇଦ୍ରାବାଦରେ ଜରୁରି ଅବତରଣ କରିବାକୁ ପଡିଛି । ବିମାନଟି ମଧ୍ୟାହ୍ନ ୧.୩୦ରେ ଦିଲ୍ଲୀ ବିମାନ ବନ୍ଦର ଛାଡିଥିଲା । ଅପରାହ୍ନ ୪ଟାରେ ଏହା ଚେନ୍ନାଇରେ ଅବତରଣ କରିବାର ଥିଲା । ତେବେ ଜଣେ ଯାତ୍ରୀଙ୍କ ଲଗେଜରେ ଥିବା ପାୱାରବ୍ୟାଙ୍କ ଫାଟିଯିବାରୁ ସେଥିରେ ନିଆଁ ଲାଗିଯାଇଥିବା ଦେଖିବାକୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ରୋଜଗାର ବଢେ ନାହିଁ ଜମା
ଦର ଯାଏ ବଢି ବଢି
ଥିଲାବାଲା କୁନ୍ଥକୁନ୍ଥ ଏବେ
ବଜାରକୁ ମୁହଁ ମୋଡି
ଗରିବ ଦୁଃଖରେ ବୁଢି
କହେ ଭଗବାନ ବଡ ନୋକ ସବୁ
ଯା’ନ୍ତେନି ପୂରା ଉଡି!!

# ସୁନା ସ୍ମଗଲିଂର ସେଫ୍ ଜୋନ୍ ଏନ୍‌ଏଚ୍-୧୬ ! ୯ କୋଟିର ସୁନା ବିସ୍କୁଟ ଜବତ



**ଭୁବନେଶ୍ୱର, ୧୧।୧୦**
**ନ୍ୟୁଜ୍ ବ୍ୟୁରୋ**

ବାଂଲାଦେଶରୁ ପଶ୍ଚିମବଙ୍ଗ, ସେଠୁ ଓଡ଼ିଶା ଦେଇ ଦକ୍ଷିଣ ଭାରତ। ଏଭଳି ଚାଲିଛି ଚୋରା ସୁନା ଚାଲାଣର ନେଟୱାର୍କ। ଶନିବାର ଏମିତି ଏକ ଗୋଲ୍ଡ ସ୍ମଗଲିଂ ରାକେଟର ପର୍ଦ୍ଦାଫାସ୍ କରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ। କୋଲକାତାରୁ ଓଡ଼ିଶା ଦେଇ ହାଇଦ୍ରାବାଦ ଯାଉଥିବା ଏକ କାର୍‌ରୁ ବିଶାଖାପାଟଣା ନିକଟରେ ଜବତ ହୋଇଛି ପ୍ରାୟ ୯ କୋଟି ଟଙ୍କା ମୂଲ୍ୟର ଚୋରା ସୁନା। ଏହି ମାମଲାରେ ୨ ଜଣଙ୍କୁ ଗିରଫ କରି ଅଧିକ ଖୋଳତାଡ଼ ଚଳାଇଛି ଡିଆରଆଇ। ବରିଷ୍ଠ ପୋଲିସ ଅଧିକାରୀ ଓ ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ସୁନା ଉପରେ ଆମଦାନୀ ଶୁଳ୍କ ବଢିବା ପରେ ଏହାର ଚୋରା ଚାଲାଣ ବଢିଛି।

ଚୋରା ସୁନା ଚାଲାଣ ନେଟୱାର୍କର ଏକ ରାକେଟକୁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ବା ଡିଆରଆଇ ଧରିବା ପରେ ଏହି ରହସ୍ୟ ସାମ୍ନାକୁ ଆସିଛି। ଡିଆରଆଇର ସୂଚନା ମୁତାବକ, ଦୁଇଜଣ ଯାତ୍ରୀ ଏକ କାର୍ ଯୋଗେ କୋଲକାତାରୁ ହାଇଦ୍ରାବାଦ ଅଭିମୁଖେ ଚୋରା ସୁନା ନେଇ ଯାଉଥିଲେ। କାରକୁ ପିଛା କରି ବିଶାଖାପାଟଣା ନିକଟରେ ଧରିଥିଲା ଡିଆରଆଇ। (ପୃଷ୍ଠା ୭ରେ)

# ଆସନ୍ତା ୧୩ ତାରିଖରୁ ବଦଳିବ ପାଗ, ଉପକୂଳରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୧୧।୧୦**
**ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ଏହା ଆଗକୁ ଉତ୍ତର ଆଣ୍ଡାମାନକୁ ଅଗ୍ରସର ହୋଇପାରେ। ଫଳରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ୧୩ ତାରିଖ ବେଳକୁ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଘୂର୍ଣ୍ଣିବଳୟ ସହ ଟ୍ରଫ ଲାଇନ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ଯାଏ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ଥିବା ବେଳେ ଗୋଟେ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଦେଇଛି ପାଣିପାଗ ବିଭାଗ। ବିଶେଷ କରି ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାରେ ଝଡିପବନ ସହ ବର୍ଷା ସମ୍ଭାବନା ରହିଥିବା ଆକଳନ କରିଛି ବିଭାଗ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, ନୟାଗଡ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଏହି ୧୪ ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ହାଲୁକାରୁ ମଧ୍ୟମ ବର୍ଷା ଏବଂ ୩୦ ରୁ ୪୦ କିମି ଝଟକା ପବନ ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ୧୨ ତାରିଖରୁ ବର୍ଷା କମିବା ସହ କୌଣସି ଚେତାବନୀ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର ୧୨ ଅକ୍ଟୋବର ୨୦୨୬ ସୋମବାର





### ଆସିଲା ପାର୍ବଣ ଋତୁ ! ଲୋକଙ୍କ ସୁଅ ଛୁଟିବ ଗାଁ ଗାଁରୁ

# ପାର୍ବଣର ଖୁସି ଭିତରେ ଦୁର୍ଘଟଣାର ଭୟ ନରହିବାକୁ ଗୁରୁତ୍ୱ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ବଜାରରେ ବଢ଼ିବ ଭିଡ଼, ରାସ୍ତାରେ ବଢ଼ିବ ଯାନବାହନ ଚଳାଚଳ। ଏଭଳି ସମୟରେ ସହରର ମୁଖ୍ୟ ରାସ୍ତା ଓ ଡିଭାଇଡରେ ଲାଗିଥିବା ବିଭିନ୍ନ ବିଜ୍ଞାପନ ବୋର୍ଡ, ରାଜନୈତିକ ହୋର୍ଡିଂ, ବ୍ୟାନର୍ ଓ ପତାକାର ସୁରକ୍ଷାକୁ ନେଇ ଉଠିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ପାର୍ବଣର ଖୁସି ଭିତରେ ଯେପରି ଦୁର୍ଘଟଣାର ଭୟ ନ ରହୁ, ସେଥିପାଇଁ ଏବେଠାରୁ ସତର୍କ ହେବା ଜରୁରୀ। ଉମରକୋଟ ସହରର ମୁଖ୍ୟ ରାସ୍ତାର ଡିଭାଇଡରେ ଲାଗିଥିବା ବଡ଼ ବଡ଼ ବିଜ୍ଞାପନ ବୋର୍ଡ ଏବଂ ଅନ୍ୟାନ୍ୟ ସ୍ଥାପନାର ସୁରକ୍ଷା ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଦଶହରା ସମୟରେ ଯେତେବେଳେ ରାସ୍ତାରେ ଗାଡ଼ିମୋଟର ଓ ପଥଚାରୀଙ୍କ ଭିଡ଼ ବଢ଼ିବ,



ସେତେବେଳେ ଅସୁରକ୍ଷିତ ଭାବେ ଲାଗିଥିବା କୌଣସି ବୋର୍ଡ କିମ୍ବା ହୋର୍ଡିଂ ଯେପରି ଦୁର୍ଘଟଣାର କାରଣ ନ ହୁଏ, ତାହା ଉପରେ ଗୁରୁତ୍ୱ ଦେବା ଦରକାର। କେବଳ ବିଜ୍ଞାପନ ବୋର୍ଡ ନୁହେଁ, ରାସ୍ତା ମଝିରେ ଲାଗିଥିବା ବ୍ୟାନର, ପତାକା ଓ ଅନ୍ୟାନ୍ୟ ସ୍ଥାପନା ଯଦି ଯାତାୟାତରେ ବାଧା ସୃଷ୍ଟି କରୁଛି କିମ୍ବା ଚାଳକଙ୍କ ଦୃଶ୍ୟମାନତାକୁ ପ୍ରଭାବିତ କରୁଛି, ତେବେ ସେଗୁଡ଼ିକର ଯାଞ୍ଚ ମଧ୍ୟ ଜରୁରୀ। ପ୍ରଶାସନକୁ ନିବେଦନ ଏହି ପରିପ୍ରେକ୍ଷୀରେ ଉମରକୋଟ ପୌର ପ୍ରଶାସନ, ଟ୍ରାଫିକ୍ ପୋଲିସ ଏବଂ ସମ୍ପୃକ୍ତ ବିଭାଗକୁ ଅନୁରୋଧ।ଦଶହରା ପୂର୍ବରୁ ସହରର ସମସ୍ତ ମୁଖ୍ୟ ରାସ୍ତା ଓ ଡିଭାଇଡ଼ରେ ଲାଗିଥିବା ବିଜ୍ଞାପନ ବୋର୍ଡ, ହୋର୍ଡିଂ, ବ୍ୟାନର୍ ଓ ପତାକାର ସ୍ଥିତି ଯାଞ୍ଚ କରାଯାଉ। ଯେଉଁ ସ୍ଥାପନାଗୁଡ଼ିକ ଅସୁରକ୍ଷିତ କିମ୍ବା ଯାତାୟାତ ପାଇଁ ବାଧା ସୃଷ୍ଟି କରୁଛି, ସେଗୁଡ଼ିକୁ ନିୟମ ଅନୁଯାୟୀ ସୁରକ୍ଷିତ କରାଯାଉ କିମ୍ବା ହଟାଇବାର ବ୍ୟବସ୍ଥା କରାଯାଉ। ସେହିପରି, ପାର୍ବଣ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷିତ ଯାତାୟାତ ପାଇଁ ଆଗୁଆ ଯୋଜନା କରାଯାଉ। ଶେଷରେ ଗୋଟିଏ ଅନୁରୋଧ ଦଶହରା ଆସିବ, ବଜାରରେ ଭିଡ଼ ହେବ, ଲୋକେ ଖୁସିରେ ପର୍ବ ପାଳନ କରିବେ। କିନ୍ତୁ ଏହି ଖୁସି ଭିତରେ ସୁରକ୍ଷାକୁ ଭୁଲିଯିବା ଉଚିତ ନୁହେଁ। ବିଜ୍ଞାପନ ଓ ହୋର୍ଡିଂ ଲଗାଇବା ଯେତିକି ଜରୁରୀ, ସେଗୁଡ଼ିକୁ ସୁରକ୍ଷିତ ଭାବେ ଲଗାଇବା ମଧ୍ୟ ସେତିକି ଜରୁରୀ। ପ୍ରଶାସନ ସମୟ ଥାଉଥାଉ ଏହି ବିଷୟକୁ ଗୁରୁତ୍ୱ ଦେଲେ ଅନେକ ସମ୍ଭାବ୍ୟ ବିପଦକୁ ଏଡ଼ାଇ ହେବ। ଆମର ଉଦ୍ଦେଶ୍ୟ କାହାକୁ ସମାଲୋଚନା କରିବା ନୁହେଁ, ବରଂ ଉମରକୋଟ ସହରକୁ ସୁରକ୍ଷିତ ରଖିବା। ଆସନ୍ତୁ, ଏଥର ଦଶହରାରେ ଉମରକୋଟରେ ପର୍ବର ଆନନ୍ଦ ସହିତ ସୁରକ୍ଷାକୁ ମଧ୍ୟ ପ୍ରାଥମିକତା ଦେବା। ଜନସାଧାରଣଙ୍କ ସୁରକ୍ଷା ହିଁ ପ୍ରଶାସନର ପ୍ରଥମ ଦାୟିତ୍ୱ।

## ଚିତ୍ରାଙ୍କନ ପ୍ରତିଯୋଗିତାରେ ନୂଆଁପାଲି ନବପ୍ରଭାତ ବିଦ୍ୟାୟତନର ସଫଳତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଚିତ୍ରାଙ୍କନ ପ୍ରତିଯୋଗିତାରେ ନୂଆଁପାଲି ନବପ୍ରଭାତ ବିଦ୍ୟାୟତନ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ପରିବେଶ ଓ ପ୍ରକୃତି ସୁରକ୍ଷାକୁ ନେଇ ଆୟୋଜିତ ସିଟ୍ ଆଣ୍ଡ ଡ୍ର ପ୍ରତିଯୋଗିତାରେ ବିଦ୍ୟାଳୟର ଦୁଇ ଛାତ୍ରଛାତ୍ରୀ ନିଜ ଚିତ୍ରକଳା ପ୍ରତିଭାର ପରିଚୟ ଦେଇଛନ୍ତି। ବନ ବିଭାଗ ତରଫରୁ ଆୟୋଜିତ ଜିଲ୍ଲା ସ୍ତରୀୟ ୭୨ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ ଅବସରରେ ଉଭୟ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା ।'ପ୍ରକୃତି ପାଇଁ ମଣିଷ' ବିଷୟକ ଜୁନିୟର ବିଭାଗରେ ସପ୍ତମ ଶ୍ରେଣୀର ଛାତ୍ର ବୟନ୍ତ ସାହୁ ସଫଳତା ଅର୍ଜନ କରିଥିବାବେଳେ, 'ପ୍ରକୃତି ଭିତରେ ମଣିଷ' ବିଷୟକ ସିନିୟର ବିଭାଗରେ ଅଷ୍ଟମ ଶ୍ରେଣୀର ଛାତ୍ରୀ




ଦୀପଶିଖା ଗହୀର ସଫଳତା ହାସଲ କରିଛନ୍ତି। ଚିତ୍ର ମାଧ୍ୟମରେ ପ୍ରକୃତି ସୁରକ୍ଷା, ପରିବେଶ ସଚେତନତା ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଉପସ୍ଥାପନ କରି ଉଭୟ ଛାତ୍ରଛାତ୍ରୀ ବିଚାରକ ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ସଫଳତା ବିଦ୍ୟାଳୟର ଅନ୍ୟ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଚିତ୍ରକଳା ଓ ସୃଜନଶୀଳତା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଛି। ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ସହପାଠୀମାନେ ବୟନ୍ତ ସାହୁ ଓ ଦୀପଶିଖା ଗହୀରଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି.।

## ବିକଶିତ ଭାରତ ସଂକଳ୍ପ ସଭା ଓ ସେବାଜ୍ୟୋତି ପଦଯାତ୍ରା




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଷ୍ଟାଡିୟମ ପରିସରରେ 'ସେବା ସଂକଳ୍ପ ଯାତ୍ରା' ଅନ୍ତର୍ଗତ ବିକଶିତ ଭାରତ ସଂକଳ୍ପ ସଭା ଓ ସେବାଜ୍ୟୋତି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଭାରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚ଼ରଣ ଡାଙ୍ଗ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁର, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ ଓ ଜିଲ୍ଲା ପରିଷଦ ସଦସ୍ୟ ରାକେଶ କୁମାର ତ୍ରିପାଠୀ, ଜିଲ୍ଲାପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସଭାରେ ହଜାର ହଜାର ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା, କଲେଜ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ସାଧାରଣ ଜନତା ଯୋଗଦେଇଥିଲେ। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଉଦ୍‌ବୋଧନ ଏବଂ ସମ୍ମାନନୀୟ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ 'ବିକଶିତ ଭାରତ ୨୦୪୭' ପାଇଁ ସାମୂହିକ ସଂକଳ୍ପ ପାଠ କରାଯାଇଥିଲା। ଏହାପରେ ଅତିଥିମାନଙ୍କ ଦ୍ୱାରା ସେବାଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ସେବାଜ୍ୟୋତିକୁ ସାଥୀ କରି ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଉଭୟ ବିଧାୟକ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହ ବିଶାଳ ଜନସମାଗମ ସହର ପରିକ୍ରମା କରିଥିଲେ। ପରେ ଜାମୁଛକଠାରେ ସେବାଜ୍ୟୋତି ସ୍ଥାପନ କରାଯାଇଥିଲା।

## ଜୋଶ ଟିମ୍'ର ଜାତୀୟ ସ୍ତରୀୟ ଶୁଭାରମ୍ଭ ଏବଂ ଜିଲ୍ଲା ସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ ଓପିଡି ସମ୍ମିଳନୀ କକ୍ଷରେ, 'ଜୋଶ ଟିମ୍'ର ଜାତୀୟ ସ୍ତରୀୟ ଶୁଭାରମ୍ଭ ଏବଂ ଜିଲ୍ଲା ସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜଗତସିଂହପୁରର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ନିଗ୍ଧା ମୟୀ ମହାନ୍ତି ଏବଂ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ କର୍ମଚାରୀ ଯଥା ସୁବ୍ରତ କୁମାର ମହାପାତ୍ର , ବିପିନ୍ ବିହାରୀ ପାତ୍ର, ମହମ୍ମଦ ଓ୍ୱାକାର୍ ଅଲି, ସୁଶୀଲ କୁମାର ସ୍ୱାଇଁ ଓ ହେମନ୍ତ କୁମାର ମୁଦୁଲିଙ୍କ ସମେତ ସମସ୍ତ ବ୍ଲକର, ଜିଲ୍ଲା ଯୁବ କାର୍ଯ୍ୟାଳୟର କର୍ମଚାରୀ, ଏନ ସିସି କର୍ମଚାରୀ, 'ମୋ ଭାରତ'ର ସ୍ୱେଚ୍ଛାସେବୀ, ଏନ ସିସି କ୍ୟାଡେଟ୍ ଏବଂ ଜିଲ୍ଲାର ଯକ୍ଷ୍ମା ରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସ୍ତରୀୟ ଜୋଶ ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ଏନସିସି କ୍ୟାଡେଟ୍ ଏବଂ ମୋ ଭାରତ କର୍ମୀ ମାନଙ୍କୁ ଯକ୍ଷ୍ମା ରୋଗ ସମ୍ପର୍କରେ ଏକ ସଚେତନତା ଓ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ କରାଯାଇଥିଲା।ଏହି ଓରିଏଣ୍ଟେସନ୍‌ରେ ଟିବି ର ପ୍ରମୁଖ ଲକ୍ଷଣ ଓ ସଙ୍କେତ, ଯକ୍ଷ୍ମା ରୋଗ କିପରି ବ୍ୟାପିଥାଏ, ରୋଗର ଶୀଘ୍ର ଚିହ୍ନଟ ଓ ପରୀକ୍ଷାର ଗୁରୁତ୍ୱ ଏବଂ ଟିବି ନିୟନ୍ତ୍ରଣରେ ସମୁଦାୟର ଭୂମିକା ବିଷୟରେ ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା।ଏହା ସହିତ ଏନସିସି କ୍ୟାଡେଟ୍ ଓ ମୋ ଭାରତ କର୍ମୀ ମାନେ ବ୍ଲକ୍ ସ୍ତରରେ ଟିବି ସଚେତନତା ସୃଷ୍ଟି, ସନ୍ଦିଗ୍ଧ ଟିବି ରୋଗୀଙ୍କୁ ଚିହ୍ନଟ କରି




ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରୀକ୍ଷା ପାଇଁ ପଠାଇବା ଏବଂ ଟିବି ମୁକ୍ତ ଭାରତ ଗଠନରେ ସମୁଦାୟକୁ ସଚେତନ କରିବା ଦିଗରେ କିପରି କାର୍ଯ୍ୟ କରିବେ, ସେ ବିଷୟରେ ମଧ୍ୟ ମାର୍ଗଦର୍ଶନ ଦିଆଯାଇଥିଲା।ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଟିବି ବିଜେତା ମାନଙ୍କୁ ସେମାନଙ୍କର ସଂଘର୍ଷ, ସାହସ ଓ ସଚେତନତା କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ଟିବି ମୁକ୍ତ ଭାରତ ଗଠନ ପାଇଁ ଟିବି ପ୍ଲେଜେ ଗ୍ରହଣ କରିଥିଲେ।

## ଯୋଗ, ସଙ୍ଗୀତ ଓ ଧ୍ୟାନର ଅପୂର୍ବ ସମନ୍ୱୟରେ ଯୋଗ ଦେଲେ ସ୍ୱାମୀ ନିରଞ୍ଜନ ଦାସ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ପତଞ୍ଜଳି ଯୋଗ ସମିତି, ସୁବର୍ଣ୍ଣପୁର ଓ ଦିବ୍ୟ ଊର୍ଜା ଯୋଗ ସେବା ସମିତି, ସୁବର୍ଣ୍ଣପୁର ଆନୁକୂଲ୍ୟରେ ଏକ ସଙ୍ଗୀତ ମୟ ଧ୍ୟାନ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଗ ସମିତି ପ୍ରଭାରୀ ସତ୍ୟବାନ ମିଶ୍ର ଙ୍କ ନେତୃତ୍ୱରେ ଦୀର୍ଘ ଏକ ଘଣ୍ଟା ଧରି ଏହି ଧ୍ୟାନ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ମ ଚାପ ରେ ବଢୁଥିବା ସମସ୍ତ ପ୍ରକାର ଚାପକୁ ନିୟନ୍ତ୍ରଣ କରିବାକୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳୀ ଭାରତ ସ୍ୱାଭିମାନ ପ୍ରଭାରୀ ମନୋଜ କୁମାର ପଣ୍ଡାଙ୍କ ସଂଯୋଜନା ରେ ଏକ ସଭା କାର୍ଯ୍ୟ ରେ ପୂଜ୍ୟ ସ୍ୱାମୀ ନିରଞ୍ଜନ ଦାସ ଜୀ, ଋଷିକେଶ-ହରିଦ୍ୱାରଙ୍କ ଦ୍ୱାରା ସଙ୍ଗୀତମୟ ଧ୍ୟାନ ଯୋଗର ଆଧ୍ୟାତ୍ମିକ ଅନୁଭୂତି ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଆଜିର ବ୍ୟସ୍ତବହୁଳ ଜୀବନରେ ମାନସିକ ଚାପ, ଚିନ୍ତା, ଅସ୍ଥିରତା ଓ ନକାରାତ୍ମକ ଚିନ୍ତାଧାରାରୁ ମୁକ୍ତ ହୋଇ ମନକୁ ଶାନ୍ତ, ସ୍ଥିର ଓ ସକାରାତ୍ମକ କରିବା ନିମନ୍ତେ ଯୋଗ ଓ ଧ୍ୟାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ସଙ୍ଗୀତମୟ ଧ୍ୟାନ ଯୋଗ ହେଉଛି ଏକ ସୁନ୍ଦର ଆଧ୍ୟାତ୍ମିକ ଅନୁଭୂତି, ଯାହା ମାଧ୍ୟମରେ ମଧୁର ସଙ୍ଗୀତ, ଧ୍ୟାନ ଓ ଆତ୍ମଚିନ୍ତନର ସମନ୍ୱୟରେ ମନକୁ ଶାନ୍ତ କରିବା ସହ ଜୀବନରେ ଆନନ୍ଦ, ଶାନ୍ତି ଓ ସକାରାତ୍ମକତା ଆଣିବାକୁ ପ୍ରୟାସ କରାଯାଏ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତ ଯୋଗସାଧକ, ସାଧିକା, ଯୁବପିଢ଼ି, ମାତୃଶକ୍ତି, ବରିଷ୍ଠ ନାଗରିକ ଏବଂ ଯୋଗପ୍ରେମୀ ଉପସ୍ଥିତ ଥିଲେ । ଗୋ ସେବା ଓ ଜୀବନ ଚର୍ଯ୍ୟା ବିଷୟ ରେ ମଧ୍ୟ ଆଲୋଚନା କରାଯାଇ ଥିଲା । ଶେଷରେ ସଂଗଠନ ସଂଯୋଜକ ରବୀନ୍ଦ୍ର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିଜେପିରେ ସାମିଲ ହେଲେ ଶତାଧିକ କର୍ମୀ

**ଝରିଗାଁ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ଝରିଗାଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭିକ୍ଷା ପଞ୍ଚାୟତର କୋଦୋଭାଟା ଗାଁରେ ବିଜୁ ଜନତା ଦଳ (ବିଜେଡି)କୁ ଲାଗିଛି ବଡ଼ ରାଜନୈତିକ ଝଟକା। ବିଜେଡି ଛାଡ଼ି ଶତାଧିକ ନେତା, ଜନପ୍ରତିନିଧି ଓ କର୍ମୀ ଭାରତୀୟ ଜନତା ପାର୍ଟି (ବିଜେପି)ରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବକୁ ନେଇ ଝରିଗାଁ ଅଞ୍ଚଳର ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ, ସୁଶାସନ ଏବଂ ଜନକଲ୍ୟାଣମୂଳକ ଯୋଜନାରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ଯୋଗ ଦେଇଥିବା ଜଣାପଡ଼ିଛି। ଏହି ଦଳୀୟ ମିଶ୍ରଣ ମାଧ୍ୟମରେ ଅଞ୍ଚଳରେ ବିଜେପିର ସଂଗଠନକୁ ଆହୁରି ସୁଦୃଢ଼ କରିବା ଦିଗରେ ଦଳୀୟ କର୍ମୀମାନେ ଆଶାବାଦୀ ଅଛନ୍ତି। ଏହି ଅବସରରେ ଝରିଗାଁ ବିଧାୟକ ନରସିଂହ ଭତ୍ରା, ମଣ୍ଡଳ ସଭାପତି ଭୁଜବଳ ଗୌଡ଼, ଜିଲ୍ଲା



କୃଷକ ସଭାପତି ଜଗଦୀଶ କଲାର, ଈଶ୍ୱର ଭତ୍ରା, ସୁଜନ ଭକ୍ତ, ସୋନୁ ଭତ୍ରା ଏବଂ ବିଜେପି ପଞ୍ଚାୟତ ସଭାପତିଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେମାନଙ୍କ ଉପସ୍ଥିତିରେ ନୂତନ ଭାବେ ଦଳରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଜେପିରେ ସାମିଲ ହୋଇଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଭିକ୍ଷା ପଞ୍ଚାୟତର ନାଏବ ସରପଞ୍ଚ ସୁବ୍ରତ ବିଶ୍ୱାସ, ୧୧ ନମ୍ବର ୱାର୍ଡର ସଭ୍ୟା କବିତା ବିଶ୍ୱାସ, ୧୦ ନମ୍ବର ୱାର୍ଡର ସଭ୍ୟ ପ୍ରେମାନନ୍ଦ ମଣ୍ଡଳ, ଦେବୀସିଂ ଭତ୍ରା, ପୂର୍ବତନ ୱାର୍ଡ ସଭ୍ୟ ରୁପିଚନ୍ଦ ଭତ୍ରା, ବାଦଲ ଗୋଲଦାର, ହରିପଦ ମଣ୍ଡଳ, ବୁଦନାଥ ରାୟ, ରଘୁନାଥ ଗୌଡ଼, ରୁଗଦାର ଗୌଡ଼ ଓ ଅନାଦ ଗୌଡ଼ଙ୍କ ସମେତ ଅନେକ କର୍ମୀ ରହିଛନ୍ତି। ସ୍ଥାନୀୟ ରାଜନୈତିକ ସମୀକରଣ ଦୃଷ୍ଟିରୁ ଏହି ମିଶ୍ରଣକୁ ବିଜେପି ପାଇଁ ଏକ ଉତ୍ସାହଜନକ ପଦକ୍ଷେପ ଭାବେ ଦେଖାଯାଉଛି। ବିଶେଷକରି ଭିକ୍ଷା ପଞ୍ଚାୟତରେ ଦଳର ସାଂଗଠନିକ ଉପସ୍ଥିତି ବୃଦ୍ଧି ପାଇବା ସହ ଆଗାମୀ ଦିନରେ ଝରିଗାଁ ଅଞ୍ଚଳର ରାଜନୀତିରେ ଏହାର ପ୍ରଭାବ କିପରି ରହିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପୂର୍ବତନ ସୈନିକସଂଘ ପକ୍ଷରୁ ବାୟୁସେନା ଦିବସ ପାଳନ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାଜିଲ୍ଲା ପୂର୍ବତନ ସୈନିକସଂଘ ପକ୍ଷରୁ ୯୪ତମ ବାୟୁସେନା ଦିବସ ପାଳନ ହୋଇଛି। ଏ ଉପଲକ୍ଷେ ସଂଘର ଅଧ୍ୟକ୍ଷ ଅଭୟ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ତିନିମୁହାଣୀ ସ୍ଥିତ ସହିସ୍ତମ୍ଭ ନିକଟରେ ୯୪ତମ ବାୟୁସେନା ଦିବସ ପାଳନ ହୋଇଛି।ଏନେଇ ପୂର୍ବତନ ସୈନିକସଂଘମାନେ ଦୀପ ପ୍ରଜ୍ୱଳନ ଏବଂ ପୁଷ୍ପଚକ୍ର ଅର୍ପଣକରିଥିଲେ। ଅମର ଜବାନ୍‌ମାନଙ୍କ ଉଦ୍ଦେଶ୍ୟରେ ସମସ୍ତ ସଦସ୍ୟ ସାମୁହିକ ସାଲ୍ୟୁଟ୍ ପ୍ରଦାନ କରିଥିଲେ। ରାଷ୍ଟ୍ରଗାନ ଏବଂରାଷ୍ଟ୍ରଗୀତ ସାମୁହିକ ଗାନ କରି ଭାରତମାତାର ଜୟ, ବନ୍ଦେ ମାତରମ୍, ସହିଦ୍ ଜବାନ୍ ଅମରରହେ ର ସ୍ଲୋଗାନ୍ ଦେଇଥିଲେ। ଅଧ୍ୟକ୍ଷ ଏବଂଏମ୍‌ଡବ୍ଲ୍ୟୁ ଓ ଶତ୍ରୁଘନ ଓଝା ସମସ୍ତ ସଦସ୍ୟମାନେ କେକ୍‌କାଟି ବାୟୁସେନା ଦିବସ ସେଲିବ୍ରେସନ୍ କରିଥିଲେ। ୮ ଅକ୍ଟୋବର ୧୯୩୨ ମସିହାରେ ଆମ ଦେଶରେ ବାୟୁସେନା ଦିବସ ପାଳନ କରାଯାଇଥିଲା। ଆୟୋଜିତଏହିକାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଶୁଭେଦାର ମେଜରବୀରବର ପାତ୍ର, ଶୁଭେଦାରମେଜର୍ ଜୟନ୍ତ କୁମାର ସାହୁ, ଏମ୍‌ଡବ୍ଲ୍ୟୁ ଓ ମନୋଜ କୁମାର ବାରିକ, ଭାଇଙ୍କ ଧର୍ମପତ୍ନୀ ଶଶିକଳା ବାରିକ, ଶୁଭେଦା ରାଜକିଶୋରସ୍ୱାଇଁ. ହାବିଲଦାର ସୁଶାନ୍ତ କୁମାର ନାୟକ, ନାୟକ ଶୁଭେଦା ହରେକୃଷ୍ଣ ସାମଲ, ମେଜର ବିଚିତ୍ର କୁମାର ନାୟକ, ମେଜର୍ ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




## ଶୁଣ୍ଢି ସମାଜର 'ଆଶ୍ରା' ବୃଦ୍ଧାଶ୍ରମ ପରିଦର୍ଶନ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଶୁଣ୍ଢି ସମାଜର ସଭାପତି ଉଦ୍ଧବ ଚରଣ ବେହେରାଙ୍କ ସହିତ କିଛି ସଦସ୍ୟ ସଦସ୍ୟା ବରଗଡ଼ ନିକଟସ୍ଥ ଦଶମାଇଲ ଛକ ଠାରେ ଥିବା 'ଆଶ୍ରା'ବୃଦ୍ଧାଶ୍ରମକୁ ଯାଇ ସେଠାରେ ରହୁଥିବା ଅନ୍ତେବାସୀଙ୍କ ସହିତ କିଛି ମୁହୂର୍ତ୍ତ ବିତାଇଥିଲେ, ସେମାନଙ୍କର ସୁଖ ଦୁଃଖ ବୁଝି ଆଗାମି ଦିନରେ ସହାୟତାର ହାତ ବଢାଇବାପାଇଁ ପ୍ରତିଶ୍ରୁତି ଦେଇଥିଲେ, ସମସ୍ତ ଅନ୍ତେବାସୀଙ୍କ ପାଇଁ ନୂତନ ଶାଢ଼ୀ, ଛୁଆଙ୍କ ପାଇଁ ନୂତନ ବସ୍ତ୍ର, ଜଗୁଆଳି ପାଇଁ ପ୍ୟାଣ୍ଟ ସାର୍ଟ ତଥା ଅନ୍ୟ ସମସ୍ତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ , ଏହି ମହତ୍ କାର୍ଯ୍ୟରେ ସଭାପତିଙ୍କୁ ଉପଦେଷ୍ଟା ଡ଼.ପାଣ୍ଡବ ବେହେରା, ସୁନୀତା ବେହେରା, ସୁଜାତା ବେହେରା, ମୀନାକ୍ଷୀ ପରିଡ଼ା, ମିଲିପାମା ବେହେରା ଓ ଗୀତାଞ୍ଜଳି ସାହୁ ସହାୟତା କରିଥିଲେ।

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଶାଲା ଶୋଭାଯାତ୍ରା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଗାନ୍ଧୀ ଛକରୁ ବାହାରି ସହର ପରିକ୍ରମା କରିବା ସହ ବାଘଗୁଡ଼ା ଛକଠାରେ ପହଞ୍ଚିଥିଲା। ସେଠାରେ କଂଗ୍ରେସ ନେତା ଓ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିବା ସହ ଭୋଟ୍ ଚୋରୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟ ନିର୍ବାଚନ କମିଶନ୍ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବି କରିଥିଲେ। ସେହିପରି ପାଠ୍ୟ ପୁସ୍ତକରେ ତୃଟି ଘଟଣାରେ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ଅବଦୁଲ୍ କଲିମ୍ ଖାଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଦେବରାଜ ପଟ୍ଟନାୟକ, ଫୁଲବାଣୀ ଯୁବ ସଭାପତି ସୁଶାନ୍ତ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନନ୍ଦ, ତପନ କୁମାର ରାଉତରାୟ, ପ୍ରିୟବ୍ରତ ଦେହୁରୀ, ସୁଦର୍ଶନ ମହାକୁଳ, ରଘୁନାଥ ପାଳିଆ, ସୁଶାନ୍ତ ମଲ୍ଲିକ, ପ୍ରତ୍ୟୁଷ ମହାନନ୍ଦ, ସିଦ୍ଧେଶ୍ୱର ଗିରି ସାମିଲ ହୋଇଥିଲେ। ।




## ମଟରସାଇକେଲ୍ ସହ ଚୋରା ମଦ ଜବତ : ୬ ଗିରଫ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ, କେନ୍ଦ୍ରାପଡ଼ା ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜକନିକା, ମାର୍ଶାଘାଇ ଓ ପାଟକୁରା ଥାନା ଅଧୀନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ପାତ୍ରପୁର ଗ୍ରାମର ସରତ କୁମାର ସାହୁଙ୍କ ନିକଟରୁ ୨୮ ଲିଟର ବିଦେଶୀ ମଦ ଏବଂ କଟନବଣିଆ ଗ୍ରାମର ଉମେଶ ଚନ୍ଦ୍ର ବେହେରାଙ୍କ ନିକଟରୁ ୨୪ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି, ମାର୍ଶାଘାଇ ଗ୍ରାମର ଭାସ୍କର ଚନ୍ଦ୍ର ଜେନାଙ୍କ ନିକଟରୁ ୨୭ ଲିଟର ଦେଶୀ ମଦ, ବେଣୁପଳା ଗ୍ରାମର ସଂଯୁକ୍ତା ସ୍ୱାଇଁଙ୍କ ନିକଟରୁ ୨୧ ଲିଟର ବିଦେଶୀ ମଦ ଏବଂ ମଙ୍ଗରାଜପୁର ଗ୍ରାମର ଗିରିଧାରୀ ଦାସଙ୍କ ନିକଟରୁ ୧୮ ଲିଟର ବିଦେଶୀ ମଦ ସହିତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ଏଥିସହ ଜଗଦୀଶ ସାହୁ ଙ୍କ ନିକଟରୁ ୩୨ ଲିଟର ବିଦେଶୀ ମଦ ଜବତ ହୋଇଥିଲା। ଏହି ଚଢ଼ାଉରେ ମୋଟ ୧୫୦ ଲିଟର ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିବାବେଳେ ଏ ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ମାମଲାଗୁଡ଼ିକରେ ୦୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ ଅଦାଲତକୁ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପ-ନିରୀକ୍ଷକ ମିସ୍ ଋତୁପ୍ରଭା ସ୍ୱାଇଁ, ଶ୍ରୀମତୀ ତ୍ରିବେଣୀ ମହନ୍ତ, ରଞ୍ଜନ କୁମାର ପାତ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଭାବେ ସାମିଲ ହୋଇଥିଲେ।

## ବିଇଓଙ୍କୁ ସ୍ୱାଗତ ଜଣାଇଲା ପ୍ରାଥମିକ ଶିକ୍ଷକ ସଂଘ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଯୋଗ ଦେଇଥିବା କେଶବ ମଲ୍ଲିକଙ୍କୁ ବୌଦ୍ଧ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଫୁଲତୋଡ଼ା ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଛି । ସଙ୍ଘର ସଭାପତି ରାଜକୁମାର ପ୍ରଧାନ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶମ୍ଭୁଗିରି, ଉପଦେଷ୍ଟା ହୃଦାନନ୍ଦ ପ୍ରଧାନ, ସକ୍ରିୟ ସଦସ୍ୟ ନିରନ ମେହେର, ସୁଶାନ୍ତ କୁମାର ସାହୁ, ସନତ କୁମାର ବାରିକ, ତୋଷଣ କୁମାର ମହାକୁଡ଼, ଅନାଦି ବେହେରା,ପ୍ରକାଶ ଚ଼ନ୍ଦ୍ର ମଲ୍ଲିକ, ରାଜେଶ ପାତ୍ର, ସ୍ମରଜିତ ପ୍ରଧାନ, ରତିକାନ୍ତ ଜଟି ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିବା ସହିତ ଶିକ୍ଷକ ମାନଙ୍କର ବିଭିନ୍ନ



ଆବଶ୍ୟକୀୟ କାର୍ଯ୍ୟ ଓ ଅସୁବିଧା ଗୁଡିକ ଆଲୋଚ଼ନା କରିଥିଲେ । ବ୍ଲକରେ ଗ୍ରେଡେସନ କାର୍ଯ୍ୟ ଚ଼ାଲୁରହିଥିବାରୁ ଲେବେଲ ୩, ଲେବେଲ ୪ ଓ ଲେବେଲ ୫ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସର୍ଭିସ ବହି ଅପଡେଟ କରିବା, ଏଚ଼ ଆର ଏମ ଏସ ଅଫ ଡେଟ କରିବା, ଗଣଶିକ୍ଷକଙ୍କ ଦରମା ଦେବାରେ ବିଳମ୍ବ ହେଉଥିବାରୁ ଠିକ ସମୟରେ ଦରମା ଦେବା, ଲେବେଲ ୫ଏ ରୁ ବି କୁ ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚ଼ନା କରିଥିଲେ ।

## ଯକ୍ଷ୍ମାମୁକ୍ତ ଭାରତ ପାଇଁ ଜିଲ୍ଲାସ୍ତରୀୟ ଅଭିଯାନ : ମୃତ୍ୟୁହାର ୪.୫%

**କଟକ, ନ୍ୟୁଜ୍ ବ୍ୟୁରୋ**

ଯକ୍ଷ୍ମା ମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଭିମୁଖ୍ୟ ସହିତ ଜନଭାଗିଦାରୀକୁ ଅଧିକ ସୁଦୃଢ଼ କରାଯାଉଛି। ଏହି କ୍ରମରେ ଯୁବପିଢ଼ିଙ୍କୁ ଯକ୍ଷ୍ମା ବିରୋଧୀ ଅଭିଯାନ ସହ ଯୋଡ଼ିବା ଏବଂ ତୃଣମୂଳ ସ୍ତରରେ ସମୁଦାୟ ସଂପୃକ୍ତି ବଢ଼ାଇବା ଉଦ୍ଦେଶ୍ୟରେ ଟିମ୍‌ର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆଜି କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରିବା ସହିତ ପ୍ରତି ଘରୁ ଜଖମ ମୁକ୍ତ ଅଭିଯାନର ଆରମ୍ଭ ପାଇଁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ୨୦୩୦ ମସିହା ପୂର୍ବରୁ ଆମେ ଜଖମ ମୁକ୍ତ ଭାରତ ଲକ୍ଷ୍ୟ ହାସଲ କରିପାରିବା ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭିନ୍ନ ପ୍ରତିନିଧିମାନେ ଯୋଗଦେଇଥିଲେ। ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯକ୍ଷ୍ମା ସମ୍ପର୍କରେ ଜନସଚେତନତା ବୃଦ୍ଧି, ନିୟମିତ ସମୁଦାୟସ୍ତରୀୟ ସଚେତନତା ଓ ପହଞ୍ଚ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ସହିତ ତୃଣମୂଳ ସ୍ତରରେ ଯୁବଶକ୍ତିଙ୍କ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା। ଏହା ମାଧ୍ୟମରେ ଯକ୍ଷ୍ମା ଚିହ୍ନଟ, ପରୀକ୍ଷଣ, ଚିକିତ୍ସା ଓ ନିୟମିତ ଚିକିତ୍ସା ଅନୁସରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। କଟକ ଜିଲ୍ଲାରେ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ଟିମ୍ ଗଠନ କରାଯାଇଛି। ସେହିପରି ସମସ୍ତ ବିଡିଓଙ୍କୁ ନେଇ ବ୍ଲକ୍‌ସ୍ତରୀୟ ଟିମ୍ ମଧ୍ୟ ଗଠନ କରାଯାଇଛି। ଏହି ଟିମ୍‌ଗୁଡ଼ିକ ମାଧ୍ୟମରେ ଗ୍ରାମ ଓ ସମୁଦାୟସ୍ତରରେ ଯକ୍ଷ୍ମା ବିରୋଧୀ ସଚେତନତା, ସ୍କ୍ରିନିଂ ଏବଂ ଚିକିତ୍ସା ସମ୍ପର୍କିତ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବ। ବର୍ତ୍ତମାନ କଟକ ଜିଲ୍ଲାରେ ୧୮୭୭ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଅଛନ୍ତି। ଜିଲ୍ଲାରେ ଯକ୍ଷ୍ମାଜନିତ ମୃତ୍ୟୁହାର ୪.୫ ପ୍ରତିଶତ ରହିଛି। ଏଥିସହ ୪୦୯ ଜଣ ଯକ୍ଷ୍ମା ରୋଗୀଙ୍କୁ ନିକ୍ଷୟ ମିତ୍ର ଯୋଜନା ଅଧୀନରେ ସାମିଲ କରାଯାଇଛି। ଚିକିତ୍ସାଧୀନ ଯକ୍ଷ୍ମା ରୋଗୀଙ୍କୁ ପ୍ରତିମାସ ୧,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ଏହି ଅର୍ଥ ରାଶି ସିଧାସଳଖ ରୋଗୀଙ୍କ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରାଯାଉଛି। ଯକ୍ଷ୍ମା ରୋଗର ଶୀଘ୍ର ଚିହ୍ନଟ ଓ ନିରାକରଣ ପାଇଁ କଟକ ଜିଲ୍ଲାରେ ଏପର୍ଯ୍ୟନ୍ତ ୧,୧୪,୩୪୩ ଜଣ ଅସୁରକ୍ଷିତ/ସମ୍ଭାବ୍ୟ ବ୍ୟକ୍ତିଙ୍କର ସ୍କ୍ରିନିଂ କରାଯାଇଛି। କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଡା. ସୁଶାନ୍ତ ସ୍ୱାଇଁ,ଡା. ଅଶୋକ କୁମାର ଦାସ, ଡା. ନୃପେନ୍ଦ୍ର ସତପଥୀ, ହେଲ୍ଥ ଅଫିସର, ଡା. ସତ୍ୟବ୍ରତ ମହାପାତ୍ର, ଏବଂ ଜିଲ୍ଲା ଯୁବ ଅଧିକାରୀ ରୋଶନ କୁମାରଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଅକ୍ଟୋବର, ୨୦୨୬ ସୋମବାର





# ରିଲ୍ସ ନିଶାରେ ରେଳ ଧାରଣାରେ କଟି ୧୪ ବର୍ଷୀୟ ବାଳକ ମୃତ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ସାମାଜିକ ଗଣମାଧ୍ୟମରେ ରିଲ୍ସ କରିବା ଓ ବିପଜ୍ଜନକ ଷ୍ଟଣ୍ଟ୍ ଦେଖାଇବାର ମୋହ କେତେ ଭୟଙ୍କର ହୋଇପାରେ, ତାହାର ଏକ ମର୍ମନ୍ତୁଦ ଘଟଣା ବୌଦ୍ଧ ଜିଲ୍ଲାର ବାଉଁଶୁଣୀ ଥାନା ଅନ୍ତର୍ଗତ ଟାଲୁପାଲି ନିକଟରେ ଘଟିଛି। ରେଳ ଧାରଣାରେ କଟି ୧୪ ବର୍ଷୀୟ ନାବାଳକ ରିଙ୍କୁ ମହାନନ୍ଦିଆଙ୍କ ମୃତ୍ୟୁ ହୋଇଛି। ଶନିବାର ସନ୍ଧ୍ୟା ପ୍ରାୟ ୮ ଘଣ୍ଟା ସମୟରେ ଘଟିଥିବା ଏହି ଦୁଃଖଦ ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ସୂଚନା ଅନୁଯାୟୀ, ମୃତ ରିଙ୍କୁ ଟାଲୁପାଲି ଗ୍ରାମର ବାସିନ୍ଦା। ଗତବର୍ଷ ରେଳ ଆସୁଥିବା ସମୟରେ ରେଳ ଧାରଣା ଉପରେ ଶୋଇ ଷ୍ଟଣ୍ଟ୍ ଦେଖାଇବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏହି ବିପଜ୍ଜନକ କାର୍ଯ୍ୟକୁ ନେଇ ସେତେବେଳେ ଚର୍ଚ୍ଚା ହୋଇଥିଲା। ପରେ ବଲାଙ୍ଗୀର ରେଳବାଇ ପୁଲିସ ବାଉଁଶୁଣୀ ପୁଲିସର ସହାୟତାରେ ରିଙ୍କୁଙ୍କୁ ତାଙ୍କ ଅଭିଭାବକଙ୍କ ସହ ବଲାଙ୍ଗୀର କାର୍ଯ୍ୟାଳୟକୁ ନେଇଥିଲା। ଏନେଇ ମାମଲା ରୁଜୁ କରାଯିବା ସହ ଭବିଷ୍ୟତରେ ଏଭଳି ବିପଜ୍ଜନକ କାର୍ଯ୍ୟ ନକରିବା ପାଇଁ ଅଭିଭାବକଙ୍କ ଉପସ୍ଥିତିରେ ଜିମାନାମା ନିଆଯାଇ ତାଙ୍କୁ ଛାଡ଼ି ଦିଆଯାଇଥିଲା। ତେବେ ଶୁକ୍ରବାର ସନ୍ଧ୍ୟାରେ ପୁଣି ରେଳ ଧାରଣା ନିକଟରେ ତାଙ୍କ ମୃତ୍ୟୁ ଘଟିଥିବା ଖବର ଆସିବା ପରେ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି। ଖବର ପାଇ ବାଉଁଶୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ନାବାଳକଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଘଟିଲା, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ସାମାଜିକ ଗଣମାଧ୍ୟମରେ ଅଧିକ ଲାଇକ୍, ଭ୍ୟୁ ଓ ଲୋକପ୍ରିୟତା ପାଇବା ଆଶାରେ ବିପଦପୂର୍ଣ୍ଣ କାର୍ଯ୍ୟ କରିବା ଯୁବପିଢ଼ିଙ୍କ ପାଇଁ କେତେ ବଡ଼ ବିପଦ ଆଣିପାରେ, ଏହି ଘଟଣା ତାହାର ଏକ ଗମ୍ଭୀର ଉଦାହରଣ। ରେଳ ଧାରଣା କୌଣସି ଷ୍ଟଣ୍ଟ୍ କିମ୍ବା ରିଲ୍ସ ତିଆରି କରିବାର ସ୍ଥାନ ନୁହେଁ। ଏଭଳି ଅସାବଧାନତା ଅପୂରଣୀୟ କ୍ଷତି ଘଟାଇପାରେ। ଏହି ଘଟଣା ଅଭିଭାବକ ଓ ଯୁବପିଢ଼ିଙ୍କ ପାଇଁ ଏକ ସତର୍କବାଣୀ ହୋଇ ରହିଛି।

# ଭୋଟର ତାଲିକାରେ ନାମ ସାମିଲ ପାଇଁ ୩୩, ୫୧୫ଟି ଫର୍ମ-୬ ଆବେଦନ ଗ୍ରହଣ

**ବରଗଡ, ନ୍ୟୁଜ ବ୍ୟୁରୋ**

ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଭୋଟର ତାଲିକାରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଅକ୍ଟୋବର ୭, ୮ ଓ ୯ ତାରିଖରେ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯାଇଥିଲା। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରଙ୍କ ସମେତ ନୂତନ ଓ ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ ହେବାର ସୁଯୋଗ ପ୍ରଦାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ତିନିଦିନିଆ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୨୬,୪୪୬ଟି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରଗୁଡ଼ିକ ମାଧ୍ୟମରେ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ଆବେଦନପତ୍ର ଦାଖଲ କରିବାର ସୁବିଧା ଯୋଗାଇ ଦିଆଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରମାନଙ୍କଠାରୁ ୧,୪୪୮ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଥିବାବେଳେ ନୂତନ ଓ ଯୁବ ଭୋଟରମାନଙ୍କଠାରୁ ୩୨,୦୬୭ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଏହିପରି ମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି।

ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ କାର୍ଯ୍ୟ ଜାରି ରହିବ। ଏହି ଅବଧି ମଧ୍ୟରେ ବିଏଲଓ ମାନେ ଘରକୁ ଘର ଯାଇ



ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମ ସାମିଲ ଏବଂ ଆବଶ୍ୟକ ସଂଶୋଧନ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରିବେ। ବିଶେଷକରି ଏସଆଇଆର ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକଯୁବତୀମାନଙ୍କୁ ଫର୍ମ-୬ ମାଧ୍ୟମରେ ଆବେଦନ କରିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ।

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, କୌଣସି ଯୋଗ୍ୟ ନାଗରିକ ,ଯେପରି ଭୋଟର ତାଲିକାରୁ ନାମ ସାମିଲ ହେବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଏହି ଅଭିଯାନ ଆୟୋଜନ କରାଯାଇଥିଲା। ବିଶେଷକରି, ପୂର୍ବରୁ ଭୋଟର ତାଲିକାରେ ନାମ ସାମିଲ ହୋଇନଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକଯୁବତୀଙ୍କୁ ଏହି ସୁଯୋଗର ଲାଭ ନେବାକୁ ଉତ୍ସାହିତ କରାଯାଇଥିଲା। ଏହି ଅଭିଯାନରେ ନୂତନ ଯୁବ ଭୋଟରମାନେ ଉତ୍ସାହର ସହ ଭାଗ ନେଇଥିବାରୁ ଫର୍ମ-୬ ମାଧ୍ୟମରେ ୩୩ ହଜାର ୫୧୫ ଟି ଆବେଦନ ଗ୍ରହଣ କରାଯାଇଛି। ଏକ ସ୍ୱଚ୍ଛ, ନିର୍ଭୁଲ ଓ ସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଏହି ସ୍ୱତନ୍ତ୍ର ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗ୍ୟ ନାଗରିକମାନଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ସହ ଭୋଟର ତାଲିକାରେ ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ସାମିଲ କରିବା ଏହାର ପ୍ରମୁଖ ଲକ୍ଷ୍ୟ।

# ଚାକିରି ଦେବା ନାଁରେ କୋଟି କୋଟି ଟଙ୍କା ଠକେଇ ଅଭିଯୋଗ: ଥାନାରେ ଏତଲା

**ଧାମନଗର, ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗରରେ ଚାକିରି ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ନିର୍ମିତ ଧାମନଗରର ଇଣ୍ଟେଗ୍ରେଟେଡ୍ ଇନଫ୍ରାଷ୍ଟ୍ରକଚର କଂପ୍ଲେକ୍ସ (ଆଇଆଇସି) ପରିସରରେ ଥିବା ବୃଦ୍ଧାଶ୍ରମରେ ନିଯୁକ୍ତି ଦେବା ନାଁରେ ୫୦ରୁ ଊର୍ଦ୍ଧ୍ୱ ଯୁବକଯୁବତୀଙ୍କଠାରୁ ପ୍ରାୟ ୩ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏହା ଏକ ସରକାରୀ କଂପ୍ଲେକ୍ସ ହୋଇଥିବାବେଳେ ବୃଦ୍ଧାଶ୍ରମ ଚଳାଇବା ଲାଗି ଏକ ବେସରକାରୀ ସଂଗଠନକୁ ଦାୟିତ୍ୱ ଦିଆଯାଇଛି। 'ଆଶୀର୍ବାଦ' ନାମକ ଏହି ବେସରକାରୀ ସଂଗଠନ ଏହାକୁ ପରିଚାଳନା କରୁଛି। ତେଣୁ ଏହି ସଂସ୍ଥାର ସମ୍ପାଦିକା ତଥା ପରିଚାଳକ ମଞ୍ଜୁଲତା ସ୍ୱାଇଁ ଯୁବକଯୁବତୀଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦେବା ଲାଗି ସେମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଥିବା ନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ମଞ୍ଜୁଲତାଙ୍କର କିଛି ପ୍ରଭାବଶାଳୀ ବଡ଼ବଡ଼ ନେତା ଓ ମନ୍ତ୍ରୀଙ୍କ ସହ ସମ୍ପର୍କ



ଥିବା ନେଇ ମଧ୍ୟ ସାଧାରଣରେ ଚର୍ଚ୍ଚା ହେଉଛି। ଅଭିଯୋଗ ଅନୁସାରେ, ମଞ୍ଜୁଲତା ସେମାନଙ୍କଠାରୁ ବିଭିନ୍ନ କିସ୍ତିରେ ମୋଟା ଅଙ୍କର ଟଙ୍କା ସଂଗ୍ରହ କରିଥିଲେ। ତେବେ ବୃଦ୍ଧାଶ୍ରମ ଚାଲିବାର କିଛି ମାସ ବିତିଯିବା ପରେ ମଧ୍ୟ ନିଯୁକ୍ତି ନ ମିଳିବାରୁ ଯୁବକଯୁବତୀମାନେ ମଞ୍ଜୁଲତାଙ୍କୁ ପଚାରିଥିଲେ। କିନ୍ତୁ ସେ କେବଳ ସମୟ ଗଡ଼ାଇ ଚାଲିଥିଲେ ଏବଂ ବିଭିନ୍ନ ଆଳ ଦେଖାଇ କଥାକୁ ଏଡ଼ାଇ ଯାଉଥିଲେ। ପରବର୍ତ୍ତୀ ସମୟରେ ଚାକିରି ଓ ନିଯୁକ୍ତି ସଂପର୍କରେ ସମସ୍ତ ସତ୍ୟତା ସାମ୍ନାକୁ ଆସିବାରୁ ଟଙ୍କା ଦେଇଥିବା ଲୋକେ ତାଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ମଞ୍ଜୁଲତା ଆଉ ଧରାଛୁଆଁ ଦେଇନଥିଲେ। ଧାମନଗର ବ୍ଲକ ନିକଟରେ ଥିବା ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲୋକେ ଟଙ୍କା ମାଗିବାରୁ ସେ ଓଲଟା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ସବୁଆଡ଼ୁ ନିରାଶ ହେବା ପରେ ଠକାମୀର ଶିକାର ହୋଇଥିବା ଲୋକମାନେ ଗତ ସେପ୍ଟେମ୍ବର ମାସରେ ଧାମନଗର ଥାନାରେ ଦ୍ୱାରସ୍ଥ ହୋଇଥିଲେ। ହେଲେ ଥାନା ପୋଲିସ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଶେଷରେ କୌଣସି ପନ୍ଥା ନ ପାଇ ପୁନର୍ବାର ପୀଡ଼ିତମାନେ ଧାମନଗର ଥାନାକୁ ଆସି ନ୍ୟାୟ ଭିକ୍ଷା କରିଛନ୍ତି। ଚାକିରି ଆଶାରେ ଗରିବ ମହିଳା, ପୁରୁଷ ଏବଂ ଭିନ୍ନକ୍ଷମମାନେ ନିଜ ଜମିବାଡ଼ି ଓ ସୁନାଗହଣା ବନ୍ଧା ରଖି କିମ୍ବା ବିକ୍ରି କରି ଏବଂ କିଛି ଲୋକ ଧାରକରଜ ଆଣି ଟଙ୍କା ଦେଇଥିବା କାନ୍ଦି କାନ୍ଦି କହିଛନ୍ତି। କେବଳ ଚାକିରି ନାଁରେ ଟଙ୍କା ଠକିବା ନୁହେଁ, ବୃଦ୍ଧାଶ୍ରମରେ ଦୀର୍ଘଦିନ ଧରି ବୃଦ୍ଧବୃଦ୍ଧାଙ୍କ ସେବା ଓ ଯତ୍ନ କରୁଥିବା କର୍ମଚାରୀମାନଙ୍କୁ ମଧ ଦୀର୍ଘଦିନ ହେବ ଦରମା ଦିଆଯାଇ ନଥିବା ଅଭିଯୋଗର ସ୍ୱର ଶୁଣିବାକୁ ମିଳିଛି। ପୀଡ଼ିତମାନେ ସେମାନଙ୍କ କଷ୍ଟଅର୍ଜିତ ଟଙ୍କା ଫେରସ୍ତ ପାଇବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଯଦି ଶୀଘ୍ର ନ୍ୟାୟ ନ ମିଳେ, ତେବେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଅଭିଯୋଗକାରୀ ଚେତାବନୀ ଦେଇଛନ୍ତି। ଚାକିରି ଆଶାରେ ସର୍ବସ୍ୱାନ୍ତ ହୋଇଥିବା ଏହି ଗରିବ ଲୋକଙ୍କୁ କେବେ ନ୍ୟାୟ ମିଳିବ ଏବଂ କେବେ ସେମାନଙ୍କ ଟଙ୍କା ଫେରିବ, ତାହା ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ଆଶୀର୍ବାଦ ବୃଦ୍ଧାଶ୍ରମର ସମ୍ପାଦିକା ମଞ୍ଜୁଲତା ସ୍ୱାଇଁଙ୍କୁ ପଚାରିବାରୁ ସେ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। ସରକାର ତାଙ୍କୁ ସଠିକ୍ ଭାବେ ଅର୍ଥ ଦେଉ ନଥିବାରୁ ସେ ନିଜ ହାତରୁ ଖର୍ଚ୍ଚ କରି ବୃଦ୍ଧବୃଦ୍ଧାମାନଙ୍କୁ ଆଶ୍ରୟ ଦେଇ ରଖିଥିବା ସେ କହିଛନ୍ତି।

# ପେଟ୍ରୋଲ ପମ୍ପ ଡକାୟତି ଯୋଜନା : ୫ ଅଭିଯୁକ୍ତ ଗିରଫ



**ବ୍ୟାସନଗର, ନ୍ୟୁଜ ବ୍ୟୁରା**

ଯାଜପୁର ରୋଡ଼ ପୋଲିସର ବଡ଼ ସଫଳତା । ପେଟ୍ରୋଲ ପମ୍ପର ଡକାୟତି ଯୋଜନାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି ଏବଂ ତାଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିବାବେଳେ ଜଣେ ଅଭିଯୁକ୍ତ ଫେରାର ହୋଇ ଯାଇଥିବା ସୂଚନା ଦେଇଛନ୍ତି ଯାଜପୁର ରୋଡ଼ ଆଦର୍ଶ ଥାନାଧିକାରୀ ଆଶିଷ କୁମାର ସାହୁ। ସୂଚନା ମୁତାବକ ରବିବାର ଦିନ ପ୍ରାୟ ୧ ଟା ୩୦ ମିନିଟ୍ ସମୟରେ ଏସ୍.ଆଇ ତପନ କୁମାର ବେହେରା ପୁଲିସ କର୍ମଚାରୀଙ୍କ ସହ ପେଟ୍ରୋଲିଂ କରୁଥିଲେ । ସୋବରା ପଡ଼ିଆ ନିକଟରେ ୬ ଜଣରୁ ୭ ଜଣ ବ୍ୟକ୍ତି ଏକାଠି ବସି ନିକଟସ୍ଥ ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଯୋଜନା କରୁଥିବା ସୂଚନା ପାଇଥିଲେ । ସୂଚନା ପାଇ ଯାଜପୁର ରୋଡ଼ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଥିଲା । ପୋଲିସକୁ ଦେଖି ଉକ୍ତ ୬ ଜଣ ବ୍ୟକ୍ତି ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୋଲିସ ତାଙ୍କୁ ପିଛା କରି ୫ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା । ତେବେ ପୋଲିସ ପଚରା ଉଚରା ବେଳେ ସେମାନେ ସୋବରା ମିଲିଟାରୀ ଛକ ରାସ୍ତା ନିକଟସ୍ଥ ଏକ ପେଟ୍ରୋଲ ପମ୍ପରୁ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିବା ପୁଲିସ କହିଛି। ତେବେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ସୋବରା ଗ୍ରାମର ବିକାଶ ବେହେରା, ବାରିଗୋଧା ଗ୍ରାମର ମହେନ୍ଦ୍ର ଜେନା, ସୋବରା ଗ୍ରାମର ଉତ୍ତମ ବେହେରା ଓରଫ ପିଙ୍କୁ, ସୋବରା ମାରୁତି ନଗରର ରାହୁଲ ସେଠୀ ଓ ସୋବରା ଗ୍ରାମର ଚନ୍ଦନ ବେହେରା ଓରଫ ଦିନା ବୋଲି ଜଣାପଡିଛି । ପୋଲିସ ସେମାନଙ୍କ ନିକଟରୁ ବିଭିନ୍ନ ପ୍ରକାର ଧାରୁଆ ମାରଣାସ୍ତ୍ର, ୭ ଟି ମୋବାଇଲ, ୧୦୦ ଗ୍ରାମ୍‌ର ଏଭରେଷ୍ଟ ଲଙ୍କାଗୁଣ୍ଡ ପ୍ୟାକେଟ୍, ଓ ଆଲୁମିନିୟମ୍ ଫଏଲ୍‌କୁ ଜବତ କରିଛି ଯାଜପୁର ରୋଡ଼ ପୋଲିସ। ଏନେଇ ଯାଜପୁର ରୋଡ୍ ଥାନାରେ କେସ୍ ନମ୍ବର ୫୮୩/୨୬ ରେ ବିଏନ୍‌ଏସ୍ ଧାରା ୩୧୦(୪)/ ୩୧୦(୫) ଏବଂ ଆର୍ମସ୍ ଆକ୍ଟର ଧାରା ୨୫ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ୫ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଯାଜପୁର ରୋଡ଼ ଥାନା ଅଧିକାରୀ ଆଶୀଷ କୁମାର ସାହୁ ସୂଚନା ଦେଇଛନ୍ତି।

# ଶିକ୍ଷକଙ୍କ ସ୍ୱେଚ୍ଛାକୃତ ଅବସର ନିବେଦନ ପତ୍ରକୁ ବିଳମ୍ବ !

**ରମ୍ଭା, ନ୍ୟୁଜ ବ୍ୟୁରୋ**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଲିଆ ଗ୍ରାମ ପଞ୍ଚାୟତର ରେଲୱେ କଲୋନୀ (ପି.ଏସ )ସ୍କୁଲର ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ବେଜ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ଦୁର୍ବଳ ଓ ଅକ୍ଷମଣୀୟ ଯୋଗୁଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ୦୧/୦୭/୨୦୨୫ ରିଖ ଠାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବା ଉଲେଖ ରହିଥିବା ପ୍ରେରିତ ପତ୍ର ହସ୍ତଗତ ହୋଇଛି ।ତତ ସହିତ ଶିକ୍ଷକତା ପଠନ ସମୟରେ ଆଖି ଦୃଷ୍ଟି ଅଭାବ, ସୁଗାର, ବାରମ୍ବାର ପରିସ୍ରା ଅନୁଭବ ସହିତ ଦୁର୍ବଳ ମନେ କରିବା ସହିତ ଉପରିସ୍ଥ ଅଫିସରଙ୍କୁ ବ୍ଲକ ସ୍ତର ଠାରୁ ଜିଲ୍ଲା ସ୍ତରିୟ ଶିକ୍ଷାଧିକାରୀ ପଦାଧିକାରୀଙ୍କୁ ନିବେଦନ ଜଣାଇଥିବା ଜଣାଇଛନ୍ତି । କାର୍ଯ୍ୟକାରୀତାରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ ଶିକ୍ଷକଙ୍କ ପୁନଃ ବିଚାରରେ କାଳ ବିଳମ୍ବ ନ କରି ଛାତ୍ର ଛାତ୍ରୀଙ୍କ ଶିକ୍ଷାଦାନରେ ଅବହେଳା ନ ଘଟାଇ ପର୍ଯ୍ୟାୟ କ୍ରମେ ପଦକ୍ଷେପ ଗ୍ରହଣ କରିବା ସହ ନୂତନ ଶିକ୍ଷକ ନିଯୁକ୍ତି ଦେବା ପାଇଁ ନିବେଦନ ଜଣାଉଛି ।

## ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି

# ଭୋଟର ତାଲିକା ନିର୍ଭୁଲ ଓ ନିର୍ଦ୍ଧାରିତ ସମୟ ଭିତରେ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନ ଭୋଟର ତାଲିକା ପ୍ରସ୍ତୁତ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର। ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂହଙ୍କ ଅଧକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳିନା ପ୍ରଧାନଙ୍କ ସହ ଜିଲ୍ଲାର ସୋନପୁର ଉପଜିଲ୍ଲାପାଳ, ଡ଼. ସୌମ୍ୟା ରୂପା ରଥ ଓ ବୀରାମହାରାଜପୁର




ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅନଙ୍ଗ ଭଂଜନ ସାଗରଙ୍କ ସମେତ ସମସ୍ତ ବ୍ଲକ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ, ବିଏଲୋ ସୁପରଭାଇଜର, ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଉପସ୍ଥିତ ଥିଲେ ଓ ସୋନପୁର ପୌର ପରିଷଦ ର ନିର୍ବାହୀ ଅଧିକାରୀ, ବିନିକା, ତରଭା ବୀରାମହାରାଜପୁର ଏନ୍‌ଏସିର ନିର୍ବାହୀ ଅଧିକାରୀ ସମେତ ତାଙ୍କ କର୍ମଚାରୀ ମଧ ଉପସ୍ଥିତ ଥିଲେ । ବୈଠରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନ ଭୋଟର ତାଲିକା ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ଦିଆଯିବା ସହ ଆସନ୍ତା ଅକ୍ଟୋବର ୨୬ ଠାରୁ ନଭେମ୍ବର ୭ ପର୍ଯ୍ୟନ୍ତ ଘରକୁ ଘର ବୁଲି ଭୋଟର ତାଲିକା ପ୍ରସ୍ତୁତି ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଭୋଟର ତାଲିକା ନିର୍ଭୁଲ ଓ ନିର୍ଦ୍ଧାରିତ ସମୟ ଭିତରେ ସାରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସ୍ତରରୁ ପ୍ରଶିକ୍ଷଣ ଟ୍ରେନିଂ ନେଇ ଆସିଥିବା ଅଧିକାରୀମାନେ ବୈଠକରେ ସମସ୍ତଙ୍କୁ ମାର୍ଗଦର୍ଶିକା ପ୍ରକାଶରେ ଭୋଟର ତାଲିକା ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ଦେଇଥିଲେ। ପୂର୍ବରୁ ଜିଲ୍ଲାରେ ପାଇଲଟ ଗ୍ରାମ ପଞ୍ଚାୟତ ଭାବରେ ଭୋଟର ତାଲିକା ପ୍ରସ୍ତୁତ କରିଥିବା ହରଡ଼ଖୋଲ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରି ସୁଶୀଲ କୁମାର ମହାପାତ୍ର ତାଙ୍କ ଅଭିଜ୍ଞତା ଉପରେ ବୈଠକକୁ ଅବଗତ କରିଥିଲେ। ଶେଷରେ ଆଜାଦ କୁମାର ସାହୁ ଡେପୁଟି କଲେକ୍ଟର ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାଦ୍ ପଡ଼ିଥିବା ଏବଂ ପ୍ରଥମ ଥର ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ଗୁରୁତ୍ୱାରୋପ



**ରାଉରକେଲା, ନ୍ୟୁଜ୍**

ଗତ ୯ ତାରିଖରେ ସୁନ୍ଦରଗଡ଼ ଠାରେ ବାଦ୍ ପଡ଼ିଥିବା ଭୋଟର ତଥା ନୂତନ କରି ଭୋଟର ହୋଇଥିବା ବା ଯୁବ ଭୋଟର ମାନଙ୍କ ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ। ଏହି ସ୍ୱତନ୍ତ୍ର ଅଭିଯାନର ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାରେ ନାମ ନଥିବା କିମ୍ବା ନାମ କଟିଯାଇଥିବା କୌଣସି ବି ବ୍ୟକ୍ତି ଯେକୌଣସି ସମୟରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏହି ଅବସରରେ ଆଜି ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୟ ନାରାୟଣ ତ୍ରିପାଠୀ, ପର୍ଶୁରାମ ସରାଫ,ଅଜିତ୍ ପ୍ରସାଦ,ଭେଷଜ ରଥ,ରାଜେନ୍ଦ୍ର ପଟେଲ, ରାଧା ନମନ ପଟେଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସ୍ୱତନ୍ତ୍ର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହିପରି ଭୋଟରମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଭୋଟର ତାଲିକା ରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା। ଏହି ପରିପ୍ରେକ୍ଷୀରେ ବିଏଲଓ ମାନେ ୩୧ ଅକ୍ଟୋବର ସୁଦ୍ଧା ଏସଆଇଆର୍ ପ୍ରକ୍ରିୟା ସମୟରେ କଟିଯାଇଥିବା ସମସ୍ତ ଭୋଟରଙ୍କ ନାମ ପୁନଃ ଯାଞ୍ଚ କରିବେ ଏବଂ ବାଦ୍ ପଡ଼ିଥିବା ଭୋଟର ତଥା ନୂତନ ଭୋଟରମାନଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବେ। ସେହିଭଳି ନେଭେମ୍ବର ୨ ତାରିଖ ଦିନ ବିଏଲଓମାନେ ଏହି ତାଲିକାକୁ ବୁଥ ସ୍ତରୀୟ ଏଜେଣ୍ଟ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସେୟାର କରିବେ। ସେହିଭଳି ନଭେମ୍ବର ୪ ତାରିଖ ଦିନ ବିଏଲଓମାନେ ଯାଞ୍ଚ ଶେଷ ହୋଇଥିବା ନିଶ୍ଚିତ କରି କମ୍ପ୍ଲାଏନ୍ସ ରିପୋର୍ଟ ଦାଖଲ କରିବେ ଏବଂ ଫର୍ମ-୬ ମାଧ୍ୟମରେ ପୁନଃ ଯୋଡ଼ାଯାଇଥିବା ଭୋଟରଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ଏହି ସ୍ୱତନ୍ତ୍ର ଅଭିଯାନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ଏବଂ ବାଦ୍ ପଡ଼ିଥିବା ଭୋଟର ମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୧୨।୧୦।୨୦୨୬, ଆଶ୍ୱିନ ଦ୨୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୪୧।୨୦ ଚନ୍ଦ୍ରୋଦୟ- ପ୍ରାଘ୬।୫୮।୨୨**

ଦ୍ୱିତୀୟା ରାଘ ୧୦।୧୫ ପର୍ଯ୍ୟନ୍ତ। ସ୍ୱାତୀ ନକ୍ଷତ୍ର ରାଘ ୧୧।୫୫ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ରାଘ ୧୦।୧୫ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୫ ଗତେ ଦିଘ ୭।୧୩ ମଧ୍ୟେ। ଦିଘ ୮।୫୨ ଗତେ ଦିଘ ୧୧।୧୦ ମଧ୍ୟେ। **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ପୂଜା।



**ମେଷ:** ସୁଖକର ଘଟଣା ଘଟିପାରେ। କର୍ମକ୍ଷେତ୍ରରେ ସଫଳତା ମିଳିବ। ଉତ୍ତମ ଭୋଜନ ପ୍ରାପ୍ତ ହେବ। ଅନ୍ୟମନସ୍କ ରହିବାର ସୂଚନା। ଗୃହେ ଶାନ୍ତି ଲାଭ ହେବ। ବନ୍ଧୁ ଦର୍ଶନ ସହିତ ସହଯୋଗ ପ୍ରାପ୍ତ ହେବ।



**ବୃଷ:** ଶତ୍ରୁମାନଙ୍କ ଠାରୁ ପରାସ୍ତ ହେବେ। ମାନସିକ ଶାନ୍ତି ପ୍ରାପ୍ତ ହେବ। ସୁସମ୍ବାଦ ପାଇବେ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟସ୍ତତା ମଧ୍ୟରେ ଦିନଟି କଟିବ। ଠକାମୀର ଶିକାର ହୋଇପାରନ୍ତି। ଗୃହେ ଦ୍ୱନ୍ଦ ଦେଖାଦେଇପାରେ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ। ରୋଜଗାର ମଧ୍ୟମ ଧରଣର ହେବ। କୌଣସି ଗୁରୁତ୍ୱପୁର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ। ପାରିବାରିକ କଳହ ଜାତ ହେବ। ନିଜର ସାଧନା ବଳରେ ସିଦ୍ଧି ଲାଭ କରିବେ।



**କର୍କଟ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ। ଆୟଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି କଳହ ଦେଖାଦେଇପାରେ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ମନ ଅସ୍ଥିର ରହିବ ।



**ସିଂହ:** ଘରେ ବିଶୃଙ୍ଖଳା ସୃଷ୍ଟି ହେବ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ରୋଜଗାର ସ୍ଥିର ରହିବ । ବନ୍ଧୁ ବାନ୍ଧବଙ୍କ ସହ ମତଭେଦ ଦେଖାଦେଇପାରେ । ମହିଳାମାନେ ଗର୍ବୀ ହେବେ ।



**କନ୍ୟା:** ବେପାର ବାଣିଜ୍ୟରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ବିଶୃଙ୍ଖଳା ଦେଖାଦେବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ ରହିଛି । ଆୟର ପରିମାଣ ବୃଦ୍ଧି ପାଇବା



**ବିଛା:** ବ୍ୟବସାୟରେ ଲାଭର ଆଶା କମ୍ । ବ୍ୟୟର ମାତ୍ରା ବଢ଼ିବ । ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ । ଶତ୍ରୁଙ୍କ ଠାରୁ ସତର୍କ ରହିବେ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ ।



**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି । କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଖୁସି ଦେଖାଦେବ । ଶୁଭ ଖବର ମଧ ପାଇପାରନ୍ତି ।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି । ରୋଜଗାର ଭଲ ହେବ । ଗୃହେ ଖୁସିର ବାତାବରଣ ଖେଳିଯିବ ।



**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ କରିପାର ।



**ମୀନ:** ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଅଳସୁଆ ହେବେ । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୩।୧୦।୨୦୨୬, ଆଶ୍ୱିନ ଦି୨୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୪୧।୩୮ ଚନ୍ଦ୍ରୋଦୟ-ପ୍ରାଘ୭।୫୩।୪୪**

ତୃତୀୟା-ରାଘ୧୧।୩୦ପର୍ଯ୍ୟନ୍ତ। ବିଶାଖା**ନକ୍ଷତ୍ର ରାଘ ୧।୪୫**ପର୍ଯ୍ୟନ୍ତ। ତୁଳାଚନ୍ଦ୍ର-ସଂଘ୭।୧୫ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି**-ମେଷ,ବୃଷ,ମିଥୁନ,ସିଂହ,କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର ସଂଘ ୭।୧୫ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶୀର। **ଘାତ ଚନ୍ଦ୍ର- ନାହିଁ। ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-**ପୋଟଳ ରାଘ୧୧।୩୦ଗତେ ମୂଳା ଖାଇବା ମନା। **ଆଜିର ଶୁଭବେଳା-**ପ୍ରାଘ ୫।୪୬ ଗତେ ଦିଘ ୬।୩୨ମଧ୍ୟେ। ଦିଘ ୮।୪୦ ଗତେ ଦିଘ ୧୧।୧୦ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## ବିନା ଇଣ୍ଟରନେଟରେ ଟିଓଟିପି ମିଳିବ

ଆଜିର ଡିଜିଟାଲ ଯୁଗରେ ପରିଚୟ ଯାଞ୍ଚ କରିବା ପାଇଁ 'ଓଟିପି' ବା One-Time Password ର ବ୍ୟବହାର ବହୁ ପରିମାଣରେ ବୃଦ୍ଧି ପାଇଛି । ଆଧାର ସମ୍ବନ୍ଧୀୟ ସେବା ପାଇଁ ମଧ୍ୟ ଆପଣଙ୍କୁ ପ୍ରାୟତଃ ଓଟିପି ଉପରେ ନିର୍ଭର କରିବାକୁ ପଡ଼ିଥାଏ । କିନ୍ତୁ ଯଦି ନେଟୱାର୍କ ସମସ୍ୟା କିମ୍ବା ମେସେଜ୍ ବିଳମ୍ବ ହେବା କାରଣରୁ ମୋବାଇଲକୁ ଓଟିପି ନ ଆସେ, ତେବେ କ'ଣ ହେବ ? ଏହି ସମସ୍ୟାର ସମାଧାନ ପାଇଁ ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (UIDAI) ଆପରେ ଆଧାର "TOTP' (Time-based One-Time Password) ବ୍ୟବସ୍ଥା ଆରମ୍ଭ କରିଛି । TOTP ର ଅର୍ଥ ହେଉଛି ଟାଇମ୍-ବେଷ୍ଟ ୱାନ୍-ଟାଇମ୍ ପାସୱାର୍ଡ । ଏହା ୮ ଅଙ୍କର ଏକ କୋଡ୍, ଯାହାକି ଆଧାର ଆପରେ ତିଆରି ହୋଇଥାଏ । ଏହା ସାଧାରଣ SMS ଓଟିପି ପରି ୧୦ ବା ୧୫ ମିନିଟ୍ ପର୍ଯ୍ୟନ୍ତ ବୈଧ ରହେ ନାହିଁ, ବରଂ ପ୍ରତି ୩୦ ସେକେଣ୍ଡରେ ବଦଳି ଯାଇଥାଏ । ଏହା କାମ କରିବା ପାଇଁ କୌଣସି ଇଣ୍ଟରନେଟ୍ କିମ୍ବା ମୋବାଇଲ୍ ନେଟୱାର୍କର ଆବଶ୍ୟକତା ପଡ଼େ ନାହିଁ । ଆପଣଙ୍କ ଫୋନର ସମୟ ସହ ସିଙ୍କ୍ ହୋଇ ଏହା ସ୍ୱୟଂଚାଳିତ ଭାବେ ପ୍ରତି ୩୦ ସେକେଣ୍ଡରେ ପରିବର୍ତ୍ତିତ ହୋଇଥାଏ । ଆଜିକାଲି ସିମ୍ ସ୍ୱାପ୍ ଟେକ୍ନୋଲୋଜି କିମ୍ବା ମାଲୱେର୍ ଜରିଆରେ SMS ମାଧ୍ୟମରେ ଆସୁଥିବା ଓଟିପି ଚୋରି ହେବାର ଆଶଙ୍କା ରହିଥାଏ। ଏହା ବ୍ୟତୀତ ନେଟୱାର୍କ ଦୁର୍ବଳ ଥିଲେ ମଧ୍ୟ ଓଟିପି ସମୟରେ ପହଞ୍ଚି ନଥାଏ । କିନ୍ତୁ TOTP କ୍ଷେତ୍ରରେ ଏପରି ସମସ୍ୟା ହୁଏ ନାହିଁ । ଏହା ସିଧାସଳଖ ଆପଣଙ୍କ ଆପ୍ ଭିତରେ ତିଆରି ହେଉଥିବାରୁ ବାହାରୁ କେହି ଏହାକୁ ଆକ୍ସେସ୍ କରିପାରିବେ ନାହିଁ। ସେଥିପାଇଁ ଏହା ସାଧାରଣ SMS ଓଟିପିଠାରୁ ବହୁଗୁଣା ଅଧିକ ସୁରକ୍ଷିତ ବୋଲି ବିବେଚନା କରାଯାଏ । ଆଧାର ସମ୍ବନ୍ଧୀୟ ଅନଲାଇନ୍ କିମ୍ବା ଡିଜିଟାଲ୍ ସେବା ବ୍ୟବହାର କରିବା ସମୟରେ ଆପଣ ଏହାର ସହାୟତା ନେଇପାରିବେ । ଯେପରିକି ଆଧାର କାର୍ଡ ଡାଉନଲୋଡ୍ କରିବା ସମୟରେ, ବାୟୋମେଟ୍ରିକ୍ସ ଲକ୍ କିମ୍ବା ଅନଲକ୍ କରିବାକୁ ହେଲେ, ଭର୍ଚ୍ଚୁଆଲ୍ ଆଇଡି (VID) ଜେନେରେଟ୍ କରିବାକୁ ହେଲେ, ପ୍ରୋଫାଇଲ୍ ଅପଡେଟ୍ କରିବା ସମୟରେ, ଏହି ସବୁ କାର୍ଯ୍ୟ ପାଇଁ ଆପଣ SMS ଓଟିପିକୁ ଅପେକ୍ଷା ନକରି ଆପରୁ TOTP ବାହାର କରି ବ୍ୟବହାର କରିପାରିବେ – ପ୍ରଥମେ ନିଜ ଫୋନରେ ଆଧାର ଆପ୍ ଇନଷ୍ଟଲ୍ କରନ୍ତୁ ଏବଂ ଲଗ୍-ଇନ୍ କରନ୍ତୁ , ଆପର ଡ୍ୟାସବୋର୍ଡରେ ତଳ ଭାଗରେ ଥିବା Security ବିକଳ୍ପ ଉପରେ କ୍ଲିକ୍ କରନ୍ତୁ , ଏହାପରେ Generate TOTP ଅପସନକୁ ଚୟନ କରନ୍ତୁ। ଏହା କରିବା ପରେ ଆପଣଙ୍କୁ ୮ ଅଙ୍କର ଏକ କୋଡ୍ ଦେଖାଯିବ, ଯାହା ସହିତ ୩୦ ସେକେଣ୍ଡର ଏକ ଟାଇମର୍ ମଧ୍ୟ ଚାଲୁଥିବ ଏହି କୋଡକୁ କପି କରି ୩୦ ସେକେଣ୍ଡ ଭିତରେ ନିର୍ଦ୍ଦିଷ୍ଟ ସ୍ଥାନରେ ପେଷ୍ଟ କରି ଅଥେଣ୍ଟିକେସନ୍ ପ୍ରକ୍ରିୟା ପୂର୍ଣ୍ଣ କରନ୍ତୁ। TOTP ବ୍ୟବହାର କରିବା ସମୟରେ ଧ୍ୟାନ ରଖନ୍ତୁ ଯେପରି ଆପଣଙ୍କ ଫୋନ ସମୟ ଏକଦମ୍ ସଠିକ୍ ବା ଅଟୋମେଟିକ୍ ନେଟୱାର୍କ ଟାଇମରେ ସେଟ୍ ହୋଇଥିବ। ସ୍କ୍ରିନରେ ଦୃଶ୍ୟମାନ ହେଉଥିବା TOTP କୋଡକୁ ସମୟ ସୀମା ଭିତରେ କପି-ପେଷ୍ଟ କରନ୍ତୁ । ପ୍ରତି ୩୦ ସେକେଣ୍ଡରେ କୋଡ୍ ବଦଳିଯାଉଥିବାରୁ, ସମୟ ଅତିବାହିତ ହୋଇଗଲେ ତାହା ଅମାନ୍ୟ ହୋଇଯିବ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମୁଁ କହୁଛି

ଶ୍ରଦ୍ଧେୟ ଭକ୍ତବୃନ୍ଦ ସମସ୍ତେ କହନ୍ତି ମୁଁ କହୁଛି, ମୁଁ କହୁଛି ଆରେ ମୁଁ କିଏ ? ତୁମେ ଚିହ୍ନିଲଣି, ମୁଁ କହିବା ପୂର୍ବରୁ ଥରୁଟିଏ ଚିନ୍ତା କରିଛି କି । ମୁଁ କଣ କହୁଛି । ତେଣୁ ହେ ଭକ୍ତ , ହେ ଶିଷ୍ୟ, ଏହି ମୁଁ ହିଁ ତୁମର ସର୍ବନାଶର କାରଣ ହୋଇଥାଏ । ଯେତେବେଳେ ମୁଁ ମୁଁ ହୋଇ ଅନ୍ୟକୁ କହୁଥାଅ ସେତେବେଳେ ମୁଁ ହିଁ ତୁମର ଅଂହକାର ହୋଇ ତୁମରି ସର୍ବନାଶର କାରଣ ହୋଇଥାଏ । ତେଣୁ ଏହି ମୁଁର ଅର୍ଥ ହେଉଛି ମ-ମହେଶ୍ୱର-ଅନନ୍ତ, ଅଚ୍ୟୁତ ଅବ୍ୟକ୍ତ,ଉକାର-ଚତୁର୍ମୁଖ ବ୍ରହ୍ମା, ଅର୍ଦ୍ଧ ମାତା-ଆଦିଶକ୍ତି ବିନ୍ଦୁ ହେଲା ନିରାକାର ତେଣୁ ଏହି ମୁଁ ହିଁ ଈଶ୍ୱର, ତେଣୁ ହେ ଭକ୍ତ ଏହି ମୁଁ କାରକୁ ତୁମେ ଈଶ୍ୱରଙ୍କୁ ଦେଇ ଦିଅ । ତୁ କୁ ଆବିଷ୍କାର କର ତୁମ ଭିତରୁ ତାହେଲେ ତୁମେ ଈଶ୍ୱରଙ୍କ ପଥ ନିଶ୍ଚୟ ପାଇପାରିବ ତୁମର କଠିନତା ରୂପକ ଗର୍ବ ଅହଂକାର ତରଳି ଯାଇ ସରଳିକରଣ ହୋଇଯିବ । ଏହାହିଁ ଜୀବର ନିର୍ଯ୍ୟାସ । ଭକ୍ତର ନିର୍ଯ୍ୟାସ, ଶିଷ୍ୟର ନିର୍ଯ୍ୟାସ ତେଣୁ ସରଳତାର ମାର୍ଗକୁ ଅନୁସରଣ କରି କର୍ତ୍ତବ୍ୟ ପଥରେ ଆଗେଇ ଚାଲ ନିଶ୍ଚୟ ସଫଳତାର ଶୀର୍ଷରେ ପହଞ୍ଚିପାରିବ କାରଣ ଈଶ୍ୱର ତୁମର ଗୋଲାମ ନୁହଁନ୍ତି । ତୁମର ପ୍ରତ୍ୟେକ କଥାକୁ ସେ ପୁରଣ କରିଦେବେ । ତା ଅର୍ଥ ହେଉଛି ତୁମେ ଈଶ୍ୱରଙ୍କୁ ହୁକୁମ କରୁଛ ମୋତେ ଏଇଟା ଦିଅ ସେଇଟା ଦିଅ, ମୋର ଏ କାର୍ଯ୍ୟ କରିଦିଅ । ଏସବୁ ଅହଂକାରକ କାର୍ଯ୍ୟକଳାପ ହୋଇଥାଏ। ଯଦି ମୁଁ କୁ ଛାଡି ତୁମେ ତାଙ୍କର ହୋଇଯିବ ଏ ସୃଷ୍ଟି ତ ତୁମର ହୋଇଯିବା ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ମାଗିଲା ପରି ନାରାୟଣୀ ସେନା, ଆଉ ଅର୍ଜୁନ ମାଗିଲେ ନାରାୟଣ, ଏଇଥିରୁ ଭକ୍ତ ବୁଝିଯିବ ଏଥର ବୁଝିଲୁତ ? ମୁଁ ମୁଁ ନହୋଇ ଈଶ୍ୱରଙ୍କ କର୍ମ କରିଯାଅ । ହରି ଓଁ ।

◆◆



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

# ମର୍ଦ୍ଦପୁଅ କିଏ ?

ସେଇ ଗହୀର ପାଟ ମଝି ଗାଁଟା, ଭାରି ଭଲ, ଢେର୍ ଭଲ। ସେ ଗାଁକୁ ଆଷାଢ଼ ଆସେ, ସାଙ୍ଗରେ ଥାଏ ରଜ ପରବ। ଗାଁ ପାଲଟିଯାଏ ଉତ୍ସବ ମୁଖର। ଚଇତି ପୁନେଇଁ ରାତି, ଜୋଛନା ଧଉଳା ପରିବେଶ, ଘୋଡ଼ାନାଚର ମହୁରୀ ଚମକେଇ ଦିଏ ଗାଁ ଛାତିଟାକୁ। ସେମିତି ବାରମାସରେ ତେର ପର୍ବ, ଗାଁରେ ଚାଲେ ନାଟ ତାମସା, ବାଦୀ ପାଲା, ନାଚଗୀତ, ଉଚ୍ଛୁଳି ପଡ଼େ ସାରା ଗାଁଟା। କ୍ରମେ ଗାଁଗୁଡ଼ିକ ସହର ମୁହାଁ। ମଫସଲବାସୀ; ଦିନେ ସହରିଆ ତାଙ୍କୁ କହୁଥିଲେ ମଫ, ଆଉ କେହି କେହି ନାଲିଚୁଡ଼ା। ଗାଁ ପିଲେ ପାଠ ପଢ଼ିଲେ, ଇଂରାଜୀ ପାଠ; ବାବୁ ହେଲେ, ହାକିମ, ହୁକୁମା ବି। ଏମାନଙ୍କର ବାପାଅଜା ଲଣ୍ଠନ ଜାଳି ଯାହାକିଛି ପୋଥି, ପୁରାଣ ପଢୁଥିଲେ, ଏବେ ଗାଁ ଗାଁ କି ବିଜୁଳି ଆଲୁଅ, ଟିଭି, ମୋବାଇଲ। କଚା ରାସ୍ତାମାନ ଆଉ ଆଖିରେ ପଡ଼େନି। ଗାଁକୁ ଲମ୍ବିଛି ପିଚୁ କଂକ୍ରିଟ୍ ରୋଡ୍। ସଞ୍ଜ ନଇଁଲେ ଆଲୁଅ ଜଳେ, ସହର ମଫସଲ ଦୂରରୁ ସବୁ ଏକା ଦିଶେ। କେବଳ ତଫାତ୍ ଏତିକି, ସବୁଜ ଶାଗୁଆ ପ୍ରକୃତିରାଣୀ, ଆପଣାର ଲମ୍ବ ପଣତ କାନିରେ ଆବୁରି ବସିଛି ଗାଁଟାକୁ। ଗାଉଁଲି ଲୋକଙ୍କ ସହରୀ ଚଳଣି। ଟିଭି ସିନେମା ଦେଖିଲେ, ନାନାଦି ଫନ୍ଦି ଫିକର ଶିଖିଲେ। ଚୋରି, ନାରୀ, ଧପାବାଜି, ଟାଉଟରି- ଏସବୁରେ ମାତିଲେ। ପବିତ୍ର ଗାଁରେ କ୍ରମେ କଳଙ୍କ ବୋଳି ହୋଇଗଲା। ଏହା ସତ୍ତ୍ୱେ; ଗାଁରେ ମଣିଷ ଅଛନ୍ତି, ସତ ରହିଛି, ଉତ୍ସବମାନ ଚାଲିଛି, ବାବୁମାନେ ଏଥିରେ ଧାର ଧରନ୍ତିନି। ସୁଯୋଗ ନେଇ ଅଘଟଣମାନ ଘଟାନ୍ତି। ଏଥି ପାଇଁ ମୂଲ୍ୟ ଦିଅନ୍ତି ସରଳ, ନିରଳସ, ଶାନ୍ତିପ୍ରିୟ ଗାଁ ଲୋକେ। ଏମାନଙ୍କର ଅପକର୍ମର ଶିକାର ପାଲଟନ୍ତି ଝିଅ ବୋହୂ। ଏମିତି ଏକ ସ୍ପର୍ଶକାତର ଘଟଣା। ସେଦିନ ଦୋଳ ପୁନେଇଁ। ସାରା ଗାଁଟା ହଜି ମଜି ଯାଇଛି ଆନନ୍ଦରେ। ରାଧାଗୋବିନ୍ଦଙ୍କର ହୋରି ଚାଲିଛି। ଘଟିଛି ଅଭାବନୀୟ ଘଟଣାଟେ। କାମୁକମାନଙ୍କର ଶିକାର ହେଉଛି ବିବାହିତା ଝିଅଟେ। ତା'ରି ଜୀବନର ଖଣ୍ଡିତାଂଶର ଚିତ୍ରକୁ ନେଇ 'ପାଟ ଦେଈ' ଗପ। ଗାଳ୍ପିକା ବୀଣାପାଣି ମହାନ୍ତି। ପାଟଦେଈ ଦୁଷ୍କର୍ମର ଶିକାର ହେଇଛି। ସନ୍ତାନଟିଏର ମା' ବି ହେଲା। ଗାଁବାଲା ତାକୁ ବାସନ୍ଦ କଲେ। ପାଟ ସାହସ ବାନ୍ଧିଲା। ତା' ମନକଥା ଧୋବ ଧାଉଳିଆଙ୍କୁ ଶୁଣେଇ ଦେଲା। ତା' ପିଲାଟା କାନ୍ଦୁଥାଏ, ପାଟ ତାକୁ କହୁଥାଏ - 'କାହିଁକି କାନ୍ଦୁଛୁ ? ଲୋକ ଦେଖିଲେ ତୋତେ ଡର ମାଡୁଛି କିରେ ସୁନା? ଡର ନାହିଁରେ ଧନ, ମୁଁ ଅଛି ପରା। ଏ ଜଗତରେ କିଏ ମର୍ଦ୍ଦପୁଅ ଅଛି ଯେ ତୋ ବାପ ବୋଲି ଚିହ୍ନା ଦେବ? ସେଇଥିପାଇଁ କାନ୍ଦନାରେ ପୁଅ, ତୋ ମା' ତ ଅଛି।' ଯୁଗ ଯନ୍ତ୍ରଣାର ସ୍ୱରଟିଏ ଗପଟିରେ ଅନୁରଣିତ। ନିର୍ଯାତିତାଟି ଅଣ୍ଟା ସଳଖିଛି, ପୁରୁଷ ପ୍ରଧାନ ସମାଜକୁ ଦେଇଛି ବଜ୍ର ଗମ୍ଭୀର ଆହ୍ୱାନ। ନାରୀକୁ ସୁରକ୍ଷା ଦେବା ପୁରୁଷର ଧର୍ମ, ସେଇଟା ମର୍ଦ୍ଦପଣିଆ। ଦୁଷ୍କର୍ମକାରୀମାନେ ସୁପୁରୁଷ ହୋଇ ନପାରନ୍ତି। ଏଇମାନେ ନରରାକ୍ଷସ, ସେମାନେ କ'ଣ ସତରେ ମର୍ଦ୍ଦପୁଅ ? ଯିଏ ତା'ର ସନ୍ତାନକୁ ସ୍ୱୀକାର କରେନା, ସେ ଭୀରୁ, କାପୁରୁଷ, ଲମ୍ପଟ, କାମୁକ - ଏମିତି କଳଙ୍କଲଗା ଅନେକ ବିଶେଷଣର ସେ ଅଧିକାରୀ। ଏମାନେ ସମାଜରେ ଚିର ଘୃଣ୍ୟ। ଏଇଟି 'ପାଟଦେଈ' ଗପର ଅନ୍ତଃସ୍ୱର।

ଦୋଳ ପୁନେଇଁ ରାତି, କାହାରି ଆଖିରେ ନିଦ ନାହିଁ, ତୋରା ଜହ୍ନ ସଭିଙ୍କ ମଥାନ ଉପରେ। ରାଧାଗୋବିନ୍ଦଙ୍କ ବିମାନମାନ ଚାଲିଛନ୍ତି, ଏ ସାଇରୁ ସେ ସାଇ; ସବୁ ଠୁଳ ହେବେ ମେଳଣ ପଡ଼ିଆରେ। ଝା, ମୃଦଙ୍ଗ ବାଜୁଛି। ନାମ ସଂକୀର୍ତ୍ତନ, ହରିବୋଲ, ହୁଳହୁଳି, କମ୍ପୁଛି ସାରା ଗାଁଟା। ପିଲେ ପେଁକାଳି ବଜଉଛନ୍ତି, କାହା ହାତରେ ବେଲୁନ୍, କିଏ ଆଇସ୍‌କ୍ରିମ୍ ଖାଉଛି। ଦଳଦଳ ମାଇପେ ଝିଅ ବୁଲୁଛନ୍ତି, ଏ ଠାକୁର ଠାରୁ ସେ ଠାକୁର। କେଳାକେଲୁଣୀ, ଘୋଡ଼ାନାଚ, ଷଣ୍ଢ ଲଢ଼େଇ, ବୁଢ଼ାବୁଢ଼ୀ ରହସ୍ୟ; କେଉଁ ଠାକୁର ପାଖରେ ବେଣ୍ଡ ପାର୍ଟି ବାଜୁଛି, ସମସ୍ତଙ୍କ ହାତରେ ଅବିର ମେଞ୍ଚା ମେଞ୍ଚା। ଲୁଚା ଚୋରାରେ କିଏ କାହା ମୁହଁରେ ବୋଳି ପକଉଛି, କିଏ କେତେ ବାଗରେ ମଜା ନେଉଛି, ବରଷକେ ଥରେ, ଜୀଇଥିଲେ ଆରସନକୁ। ପାଟଦେଈର ବାପା, ଜଗୁ ବେହେରା, ଠାକୁରଙ୍କ ବିମାନ କାନ୍ଧାଏ। କେଉଁ ଦୂର ଗାଁକୁ ସକାଳୁ ଚାଲିଯାଇଛି, ଫେରିବ ଦି' ଦିନ ପରେ। ପାଟ ଏକାକୀ ବସିଛି। ସେ ବାହା ହେଇଛି, ନ ହବା ସାଙ୍ଗରେ ସମାନ। ଏବେ ବାପ ଘରେ, ମା' ନାହିଁ। ଓପର ତଳକୁ ଭାଇ ଭଉଣୀ ନାହାନ୍ତି। ବାପାଟା ବୁଢ଼ା ହେଲାଣି। ମୂଳପାତି ଲାଗେ। ପାଟ ତା' ଉପରେ ବୋଝ। ଏମିତି ପାଟ ଭାବୁଛି, ଆଗକୁ ପଛକୁ, ଭାବନାର ବୁଢ଼ିଆଣୀ ଜାଲ, ଛନ୍ଦି ହେଇ ଯାଇଛି, ଆକାଶର ଜହ୍ନଟା ଯେମିତି ତାକୁ ଖତେଇ ହେଉଛି। ପାଟ ଚିତ୍ ହେଇ ଶୋଇଚି। ବଲବଲ କରି ସେଇ ଆଡ଼େ ଅନେଇଚି, ଉତ୍ସବରେ ତା'ର ମନ ନାହିଁ। ସାଇ ପଡ଼ିଶାର କିଏ ଭାଉଜ, କିଏ ଆଇ, ପାଟକୁ ଡାକିଲେ ମେଳଣ ଦେଖି, ସେ ଗଲାନି। ମନଟା ହାଇଁ ପାଇଁ ହଉଚି, ଆଖିରେ ନିଦ ନାହିଁ, ପାଟ ଛଟପଟ ହେଉଛି। କ'ଣ ମନ ହେଲା ହଠାତ୍ ଉଠିଲା, ମେଳଣ ଦେଖି ବାହାରିଗଲା, ଘର କବାଟରେ ଶିକୁଳିଟା ଲଗେଇ ଦେଇଛି। ଗଲା ଯେ ଗଲା, ଆଉ ଫେରିଲାନି। ଦି' ଦିନ ଯାକ ପରବ ଚାଲିଲା, ପାଟଘର ଆଡ଼େ କାହାରି ନିଘା ନଥିଲା। କଥାଟା ଜଣାପଡ଼ିଲା ତା' ପରଦିନ, ଚାରିଆଡ଼େ ଖାଲି ପାଟଦେଈ ଚର୍ଚ୍ଚା। ଛତରଖାଇ, ବେସରମ - ସ୍ୱାମୀକି ଆପଣାର କରିପାରିଲାନି, ଏବେ କାହା ସାଙ୍ଗରେ ପଳେଇଲା। ଏ ପ୍ରକାର ବିଟପୀ; ନାରୀ ଜାତିର କଳଙ୍କ - ଏମିତି ଯିଏ ଯାହା କହିଲା, ପାଟିରେ ବାଡ଼ ବତା ରହୁନି। ଜଗୁ ଫେରିଲା ଦି' ଦିନ ପରେ; ଘରେ ଶିକୁଳି ଲାଗିଛି, ପାଟ ନାହିଁ, ପାଖ ପଡ଼ିଶା ଆସିଲେ। ବନେଇ, ଚୂନେଇ କେତେ କଥା କହିଲେ। ଜଗୁର ହୋସ୍ ଚାଲିଗଲା, ଆଉ ଫେରିଲାନି। ସାଇ ପଡ଼ିଶା ଶେଷଥର ପାଇଁ ଶୁଣିଥିଲେ, ଜଗୁ ବେହେରା ଚିତ୍କାର କରୁଥିଲା - 'ପାଟ! ପାଟଲୋ! କେଉଁଠି ଅଛୁ ଅଇଲୁ ଶୀଘ୍ର, ପାଟ ପାଟଲୋ!' ବାସ୍ ସେତିକି, ପବନ ତା' କଥା ଗୁଡ଼ାକୁ ଫେରେଇ ଦଉଥିଲା। ପାଟ ଘର ଛାଡ଼ିଥିଲା, ଜଗୁ ବେହେରା ଦୁନିଆରୁ ଚାଲିଗଲା।

ଜଗୁ, ଜମି ପାଞ୍ଚଗୁଣ୍ଠ ବିକି ପାଟକୁ ବାହା ଦେଇଥିଲା। ରାଜାପୁଅ ପରି ଜୋଇଁ, ଜମି, ଘରବାଡ଼ି ମିଶି ଦି' ମାଣରୁ ଅଧିକ। ବନ୍ଧକି କାରବାର କରେ ତା' ଜୋଇଁ। ଘରେ ସୁନାରୁପା କାହିଁରେ କେତେ, ହେଲେ ଝିଅ ଶାଶୁଘରେ ଦି' ମାସ ରହିଲାନି। ଗୋଟାପଣ କଳାକାଠ ପଡ଼ି ଯାଇଛି। ଦିନେ ମାଛି ଅନ୍ଧାରିଆ ସଞ୍ଜ। ପାଟ ଆସି ଜଗୁପାଖରେ ହାଜର, ଯେତେ ପଚାରିଲେ ହୁଁ ଚୁଁ ନାହିଁ। ଆଣ୍ଠୁ ମଝିରେ ମୁଣ୍ଡ ଲୁଚେଇ ଭେଁ ଭେଁ ହେଇ କାନ୍ଦୁଛି। ଅକାତ କାତ ଲୁହରେ ସେ ଖାଲି ଉବୁଟୁବୁ ହେଉଥିଲା ଯାହା! ସାଇ ଲୋକ ଛି' ଛାକର କରୁଛନ୍ତି। କିଏ କହିଲା ରୂପର ଗରବ ତ, ଶାଶୁ ଶ୍ୱଶୁରଙ୍କ ସଙ୍ଗେ କଳି ଲଗେଇଛି, ଜୋଇଁର ମନ ନେଇ ପାରିଲାନି, ରାତି ଅଧରେ ତଣ୍ଡିଆ ଖାଇ ଆସିଛି। କିଏ କହିଲା ସୁନ୍ଦରୀଟା ତ! ସାଇଲୋକଙ୍କ ସହ ରଙ୍ଗରସରେ ମାତିଥିବ, ତଡ଼ା ଖାଇଛି। ବାରଲୋକ, ବାର କଥା କହିଲେ। କେହି ବୁଝିଲେନି ତା' ମନକଥା। ପାଟ ବର ପଳେଇଲା କଲିକତା। ଗାଁର ଆଉ ଦି' ଚାରି ଟୋକା କଲିକତା ଯାଇଥିଲେ, ଝୋଟକଳ ଅବା ବଙ୍ଗାଳୀବାଡ଼ିରେ ଚାକିରି। ଏମିତି କେତେ କାମ ସେଠି। କଞ୍ଚା ପଇସା, ଗାଁରେ ପାଣି କାଦୁଅ କିଏ କାହିଁକି ହବ? ସେମାନଙ୍କ କଥାରେ ପାଟ ବର ଭଳିଗଲା। କଲିକତା ଗଲା, ଆଉ ଦେଖା ଦର୍ଶନ ନାହିଁ। ପାଟଦେଈର ପୁରୁଣା କାଳିଆ ବୁଢ଼ା ବୁଢ଼ୀ ଶାଶୁ ଶ୍ୱଶୁର। ପୁଅ ଘର ଛାଡ଼ିଲା, ଏଇଟା ବୋହୂର ଦୋଷ। ଜମି ପଡ଼ିଆ - ସବୁ ସେଇ ପାଟ ପାଇଁ। ପାଟ ମାଡ଼ ଗାଳି ଖାଇଲା। ଭୋକ ଉପାସରେ ଆଉ କେତେଦିନ ବା ରହିଥାଆନ୍ତା? ପୁଅ ପିଲା ନୁହଁ, କାହାର ପାଇଟି କରିବ। ପୁଣି ବିବାହିତା। ଶାଶୁ ଘର ନାଁ ଡାକ, ଦଶଦିଗ ପାଟ ପାଇଁ ଅନ୍ଧାର। ଶେଷରେ ବାପଘରକୁ ଚାଲିଆସିଲା - ଏକଥାଗୁଡ଼ାକ ଜଗୁ ବୁଝିଲା। ହେଲେ ତୁଣ୍ଡ ବାଇଦ, ସହସ୍ର କୋଶ ବ୍ୟାପିଗଲା। ପାଟ ଦେଈଟା ନଷ୍ଟ ଚରିତ୍ର, ଶାଶୁଘରୁ ତଡ଼ା ଖାଇଛି - ଏକଥା ଲୋକେ କହିଲେ। ପାଟ ଶୁଣିଲା, କିଛି କହିଲାନି। କର୍ମକୁ ଆଦରି ପଡ଼ିରହିବାଟା ସାର ହେଲା।

ତିନି ବରଷ ପୂରିଲାଣି, ଗାଁଟା ବି ଢେର୍ ବଦଳିଗଲାଣି। ପାଟଦେଈ ବାପା ବାଟ କାଟିଲାଣି ତିନି ବର୍ଷ ହେଲା। ତା' ସାଙ୍ଗସାଥୀ ଏକୂଳ ସେ କୂଳ ହେଇ ଖେଳେଇ ମେଳେଇ ହେଇଗଲେଣି। ଏ-ଯା ଭିତରେ ପାଟଦେଈ ଫେରିବାର କେହି ଦେଖିନି। ହଠାତ୍ ଖବରଟାଏ ଗାଁ ସାରା ଖେଳିଗଲା, ପାଟ ଫେରିଛି, ସାଙ୍ଗରେ ତା'ର ଛୋଟପୁଅଟା, ମା' କାନିଧରି ପଛେ ପଛେ ଗୋଡ଼ଉଛି। ସେଦିନର ପାଟଦେଈ, ଆଜିର ପାଟଦେଈ ମଧ୍ୟରେ ଆକାଶ ପାତାଳ ପ୍ରଭେଦ। କାହାରିକି ଖାତିର ନାହିଁ। ବୟସ୍କ ଗୁରୁଜନଙ୍କୁ ଦେଖିଲେ ହାତେ ଓଢ଼ଣା ଟାଣୁନି। ଝିଅ ବୋହୂ ଗଲେ ଛିଣ୍ଡା ସପଟା ବିଛେଇ ଦେଇ ବସିବାକୁ କହୁଛି। ଯିଏ ଯାହା କହିଲେ, ଥଟ୍ଟା ତାମସା କଲେ, କିଛି ଉତ୍ତର ଦେଉନି। କେତେବେଳେ ଟିକେ ହସ ତ କେତେବେଳେ ତଳକୁ ମୁହଁ କରି ଭୂଇଁରେ ଗାର ଟାଣୁଛି। ଗାଁରେ ଖାଲି ଟୁପୁରୁଟାପର କଥା, ପାଟଦେଈ କଳଙ୍କିନୀ, ଦୋଚାରିଣୀଟା। କେମିତି ଗାଁରେ ରହିବ ତ ରହୁ; ଗାଁ ଟୋକା, ବୁଢ଼ା, ବୁଢ଼ୀ ସମସ୍ତେ ମେଳି ବାନ୍ଧିଛନ୍ତି। ଅସତୀଟା ଗାଁରେ ରହିଲେ, ଧର୍ମ ସହିବନି। କିଏ କହୁଛି ପାଟଦେଈ କ'ଣ ସ୍ୱର୍ଗର ଠାକୁରାଣୀ, ଯାହା ଚାହିଁବ କରିବ। ଛି-ଛି, କି ଅଲାଜୁକ କଥା। ତାକୁ କ'ଣ ଜହର ଟିକେ ମିଳିଲାନି? ଶହେ ପଦରେ ପଦୁଟିଏ କହୁନି। ମୁରବୀମାନେ କହିଲେ, ଚୁପ୍ ରହିଲେ କ'ଣ ସେ ଗାଁରେ ରହିପାରିବ?

ପାଟର ପାଠପଢ଼ା ତିନିଶ୍ରେଣୀ, ଏ ଜ୍ଞାନ କ'ଣ ତାକୁ ବଞ୍ଚେଇ ପାରିବ? ବାପଭାଇ ନାହାନ୍ତି, କିଏ ବା ପିଠିରେ ପଡ଼ିବ। ଏଣେ ସବୁରି ତୁଣ୍ଡରେ ଗୋଟାଏ କଥା, ଗାଁରେ ଝିଅବୋହୂଙ୍କର ଇଜ୍ଜତକୁ ଦି' ପଇସାଠାରୁ ହୀନ କରିଦେଲା, ଏଇ ଅଲାଜୁକୀ ପାଟଦେଈ। ଘଟଣା ଚରମ ସୀମାରେ ପହଞ୍ଚିଲା। ସେ ଦିନ ମାଈ ସଞ୍ଜ, ସାଇବାଲା ମେଳି କଲେ, କୈଫିୟତ୍ ମାଗିଲେ ପାଟକୁ। ଜିଦ୍ କଲେ ଜାଣିବାକୁ, ତା' ପୁଅର ବାପା କିଏ? ପାଟ ସାହସ ବାନ୍ଧି କହିଲା - 'ଏ ନିଷ୍ଠୁର ପୃଥିବୀ ମତେ ପୁଣି ଛୁଆଟାଏ ଦେଇ ଏ ଗାଁକୁ ଫେରାଇ ଆଣିଲା।' ଖିଙ୍କାରି ହେଇ ବୟସ୍କ ଲୋକ ଜଣେ କହିଲା, 'ପୃଥିବୀ ଛୁଆଟା ଦେଲା, ଏଠି ସେଠି ନରହି ଏ ଗାଁକୁ କାହିଁକି ଆସିଲୁ?' ମଣି ଭାଉଜଙ୍କ ଶାଶୁ, ସମ୍ପର୍କରେ ଖୁଡ଼ି ହବ, ପାଟ ପିଠିରେ ଗୋଇଠାଏ କସିଦେଲା। ନାନାଦି ଅକଥା କହିଲା। ପାଟଦେଈ ପେଟରୁ କଥା କାଢ଼ିବାକୁ ଅଡ଼ି ବସିଲା। ପାଟ ଦେଖିଲା ଆଉ ନିସ୍ତାର ନାହିଁ, ସହିବାର ତ ଗୋଟା ସୀମା ଥାଏ, ତା' ପାଇଁ ପୃଥିବୀଟା ଦିଖଣ୍ଡ ହେବନି କି, ସ୍ୱର୍ଗରୁ ପାର୍ବତୀ ଆସି ତା' ପିଠିରେ ପଡ଼ିବେନି। ନିଜ ରାହା ନିଜେ ଧରିବ। ପାଞ୍ଚଫୁଟିଆ ବୟସ୍କ ନାରୀ ପରି ପାଟ ଦିଶିଲା। ମୁହଁରେ ଦମ୍ଭ ଆଉ ଘୃଣାର ଫେଣ୍ଟାଫେଣ୍ଟି ରଙ୍ଗ। ଗାଁ ସାରା ଲୋକଙ୍କୁ ତରାଟି କରି ଚାହିଁଲା। କହିଲା, 'ଶୁଣ ଏ ପିଲାର ବାପ କିଏ? ଛୁଆର ବାପ ହେଇଟି ସମସ୍ତେ ଏଇଠି ଅଛନ୍ତି, ରମୁ, ବୀରା, ଗୋପୀ, ମାଗୁଣି, ନରିଆ; ଆଉ ମାନଙ୍କ ମଧ୍ୟରୁ ଦି' ଚାରିଟା, କେମିତି କହିବି ସେ ପୁଅର ବାପା କିଏ?'

ସେ ଦିନ ଘଟଣା, ଦୋଳ ପୁନେଇଁ ରାତି, ବାଦୀ ପାଲା ଚାଲିଥାଏ। ସେତିକିବେଳେ ରାମୁ ଗାମୁଛାଟାରେ ପାଟ ମୁହଁ ଜାବୁଡ଼ି ଧରିଲା। ଟେକିନେଇଗଲା ଅନ୍ଧାରରେ। ମଶାଣି ହୁଡ଼ା କଡ଼ରେ ଏଇମାନେ ତା' ହାଡ଼ ମାଉଁସକୁ ଝୁଣି ଖାଇଲେ, ଯେମିତି ଶାଗୁଣା କୁକୁର ଶବକୁ ଗବଗବ କରି ଖାଇ ଯାଆନ୍ତି, ସେମିତି ଛିନ୍‌ଭିନ୍ କରି ଖାଇଲେ, ଜଣକ ପରେ ଜଣେ। କାଲି ଜହ୍ନିଆ ରାତି, ତା'ର ହୋସ୍ ଆଇଲା ବେଳକୁ ଦେଖିଲା ଏଇ ରାମୁ ଓଗେର ଦୁଷ୍କର୍ମକାରୀଙ୍କୁ, ସେ କେମିତି କହିବ ଏମାନଙ୍କ ଭିତରୁ ତା' ପିଲାର ବାପା କିଏ? ପାଟ ଆହୁରି କହିଲା - 'ପଚାର ସେ ହରିଆ ବାଉରିକି, ସେ ପରା ଟଙ୍କା ଖାଇ ତାକୁ କଟକରେ ଛାଡ଼ିଦେଇ ଆସିଲା। ଏବେ କହୁନା ସେ ପାଟପୁଅର ବାପ କିଏ?' ହଠାତ୍ ପରିସ୍ଥିତିଟା ଓଲଟିଗଲା। ବୁଢ଼ା, ମଧ୍ୟମ ବୟସ୍କମାନେ ମୁହଁ ଚୁହାଁଚୁହିଁ, ଟୋକା ଗୁଡ଼ାକ ମୁର୍କିହସା ଦେଲେ, ଦୁଷ୍କର୍ମକାରୀଏ ତଳକୁ ମୁହଁ ପୋତି ଛିଡ଼ା ହେଇଛନ୍ତି। ପାଟଦେଈ ତା' ପୁଅକୁ ବୋଧ ଦେଇ କହୁଥିଲା - 'କାନ୍ଦନାରେ ପୁଅ! ଏଠି ମରଦ ପୁଅ କାହାନ୍ତି? ତୋ'ର ବାପାର ପରିଚୟ କ'ଣ ଏଇ କାପୁରୁଷ ଗୁଡ଼ା ଦେଇପାରିବେ?' ଛୁଆଟାର କାନ୍ଦ ବନ୍ଦ ହେଇଗଲା, ଢେର୍ ଦିନୁ ଜଗା ବେହେରା ଦାଣ୍ଡରେ ଥିଲା ତରାଟ ଗଛଟାଏ, ହଠାତ୍ ଫୁଲଫୁଟିଲା, ଅନ୍ଧାର ବୁକୁଚିରି ଉଇଁ ଆସୁଥିଲା ଥାଳିପଟ ପରି ଜହ୍ନଟା। ଚାନ୍ଦ ହସୁଥିଲା, ହସୁଥିଲା ବି ପାଟଦେଈ।

ପାଟଦେଈ, ନାରୀ ସଶକ୍ତିକରଣର ବାର୍ତ୍ତା ବହନ କରେ। ନାରୀକୁ ଅବଳା, ଦୁର୍ବଳା- କହେ ଏଇ ପୁରୁଷ ପ୍ରଧାନ ସମାଜ, ସତରେ କ'ଣ ସେ ସେ-ଯା? ତା'ରି ଦୁଇଟି ରୂପ, ଗୋଟେ ଶାନ୍ତ ସ୍ନିଗ୍ଧ ସୁନ୍ଦର; ଆରଟି ଉଗ୍ର, ଭୟଙ୍କର। ସେ ଶତ୍ରୁ ସାଙ୍ଗରେ ଲଢ଼ି ଲାବେଳେ ଝାନ୍ସୀରାଣୀ, ସୁଲ୍‌ତାନା ରେଜିଆ, ରାଣୀ ଶୁକଦେଇ, ଦୁଷ୍ଟ ନିବାରଣ ବେଳେ ରୁଦ୍ର ମୂର୍ତ୍ତି ଧାରିଣୀ, ମହିଷାମର୍ଦ୍ଦିନୀ ଦୁର୍ଗା। ନାରୀ କାହାରି ଦୟାର ପାତ୍ରୀ ନୁହେଁ। ସେ ଏକାକୀ ବଞ୍ଚିପାରେ, ଲଢ଼େଇ କରି ବଞ୍ଚିପାରେ, ସଗର୍ବେ କାପୁରୁଷମାନଙ୍କ ମୁହଁରେ କାଳି ବୋଳିଦେଇପାରେ, ଯେମିତି ପାଟଦେଈ। ସେଦିନ ତା'ର କେହି ନଥିଲେ, ତଥାପି ତା' ଘରଡିହ ଉପରେ ସେ ରାଣୀ, ତା' ପୁଅ, ରାଣୀ ପୁଅ ରାଜକୁମାର। ଆସୁ ତ ଏଣିକି? କୋଉ ମରଦାନୀ ଥିବା ପୁରୁଷଟା, ତା' ପୁଅର ବାପା ହବ? ଦୁଷ୍କର୍ମକାରୀ ରାକ୍ଷସ; କାପୁରୁଷ, କୁପୁରୁଷ ମଧ୍ୟ। ଏମାନଙ୍କୁ ମର୍ଦ୍ଦପୁଅରେ ଗଣିଲେ, ସବୁ ଅଙ୍କ ଭୁଲ ହେବ ହିଁ ହେବ।



ସୌଭାଗ୍ୟ ରଂଜନ ମହାନ୍ତି (ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

# ଶ୍ରେୟର ରାଜନୀତି ନୁହେଁ, ବିକାଶର ପ୍ରତିଯୋଗିତା ହେଉ—ଓଡ଼ିଶା ଆଗେ ବଢୁ-୧

ଓଡ଼ିଶାର ରାଜନୀତିରେ ଏବେ ଏକ ଅତ୍ୟନ୍ତ ଗମ୍ଭୀର ପ୍ରଶ୍ନ ଉଠୁଛି—ବିକାଶମୂଳକ କାର୍ଯ୍ୟକୁ ନେଇ ଏତେ ଅସହିଷ୍ଣୁତା କାହିଁକି ? ରାସ୍ତା ତିଆରି ହେଉଛି, ସେତୁ ନିର୍ମାଣ ହେଉଛି, ବିଦ୍ୟୁତ୍ ବ୍ୟବସ୍ଥା ମଜବୁତ ହେଉଛି, ପାଣି ଯୋଗାଣ ବଢୁଛି, ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକଶିତ ହେଉଛି, ଶିଳ୍ପ ପ୍ରକଳ୍ପ ଆସୁଛି, ନୂଆ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହେଉଛି—ଏସବୁ କାମ ହେଉଥିବା ବେଳେ ରାଜନୀତିର ଏକ ଅଂଶ ଯଦି ପଚାରେ, 'ଏହି କାମ ଆମ ସମୟରେ ଆରମ୍ଭ ହୋଇଥିଲା, ଆଜି କାହିଁକି ଉଦ୍‌ଘାଟନ କରାଯାଉଛି ?', ତେବେ ଏହାର ଉତ୍ତର ସରଳ—କାରଣ ଲୋକଙ୍କ ପାଇଁ ଆରମ୍ଭ ହୋଇଥିବା କାମ ଲୋକଙ୍କ ପାଖରେ ପହଞ୍ଚିବା ହିଁ ତାହାର ଶେଷ ଲକ୍ଷ୍ୟ। ପ୍ରାୟ ଦୁଇ ଦଶନ୍ଧି ଧରି ଏକ ସରକାର ଶାସନରେ ଥିଲା। ସେହି ସମୟରେ ଅନେକ ପ୍ରକଳ୍ପ ଯୋଜନା ହୋଇଛି, ଅନେକ କାମ ଆରମ୍ଭ ହୋଇଛି, ଅନେକ କାମ ଶେଷ ମଧ୍ୟ ହୋଇଛି। ସେଥିପାଇଁ ପୂର୍ବ ସରକାରର ସମୟରେ ଆରମ୍ଭ ହୋଇଥିବା ପ୍ରତ୍ୟେକ କାମକୁ ଅସ୍ୱୀକାର କରିବା ଯେପରି ଠିକ୍ ନୁହେଁ, ସେହିପରି ନୂଆ ସରକାର ଆସିବା ପରେ ସେହି କାମକୁ ଆଗକୁ ବଢ଼ାଇ ସମ୍ପୂର୍ଣ୍ଣ କଲେ ତାହାର ଶ୍ରେୟ ନେବାକୁ ନେଇ ଅତ୍ୟଧିକ ରାଜନୈତିକ ଆକ୍ରୋଶ ଦେଖାଇବା ମଧ୍ୟ ଗଣତନ୍ତ୍ରର ସୁସ୍ଥ ପରମ୍ପରା ନୁହେଁ। ବିକାଶ କୌଣସି ଗୋଟିଏ ଦଳର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏହା ଜନସାଧାରଣଙ୍କର ଅଧିକାର। କରଦାତାଙ୍କ ଟଙ୍କାରେ ନିର୍ମିତ ରାସ୍ତାରେ ଯେତେବେଳେ ଜଣେ ଛାତ୍ର ନିରାପଦରେ ବିଦ୍ୟାଳୟକୁ ଯାଏ, ଜଣେ ଚାଷୀ ନିଜ ଉତ୍ପାଦ ବଜାରକୁ ନେଇଯାଏ, ଜଣେ ରୋଗୀ ସମୟରେ ଚିକିତ୍ସାଳୟରେ ପହଞ୍ଚେ, ଜଣେ ଯୁବକ ନୂଆ ଶିଳ୍ପରେ ଚାକିରି ପାଏ, ସେତେବେଳେ ସେହି ରାସ୍ତା କାହାର ଦଳରେ ତାହାର ମୂଲ୍ୟ ରହେ ନାହିଁ। ମୂଲ୍ୟ ରହେ ଏହା ଲୋକଙ୍କ ଜୀବନକୁ କେତେ ସହଜ କଲା। ଏହି ମୂଳ ସତ୍ୟକୁ ଆମ ରାଜନୀତି ଯେତେ ଶୀଘ୍ର ବୁଝିବ, ଓଡ଼ିଶା ସେତେ ଶୀଘ୍ର ଆଗକୁ ବଢ଼ିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଗତ ଦୁଇ ବର୍ଷରେ ଅନେକ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ ଓ ନୂଆ ଯୋଜନା ଘୋଷଣା କରିଛି। ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାୟରଙ୍ଗପୁରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ୪୭,୬୦୦ କୋଟି ଟଙ୍କାର ୬୦ଟି ପ୍ରକଳ୍ପ ଉଦ୍‌ଘାଟନ ଏବଂ ୧୨ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଏହି ପ୍ରକଳ୍ପଗୁଡ଼ିକ ଶକ୍ତି, ଶିଳ୍ପ ଭିତ୍ତିଭୂମି, ସଡ଼କ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଓ ଜଳସେଚନ ଭଳି ବିଭିନ୍ନ କ୍ଷେତ୍ର ସହ ଜଡ଼ିତ। ଏହାକୁ କେବଳ ରାଜନୈତିକ ଉତ୍ସବ ଭାବରେ ଦେଖିଲେ ମୂଳ କଥାଟି ହଜିଯିବ। ପ୍ରଶ୍ନ ହେଉଛି—ପ୍ରକଳ୍ପ କେବେ ଆରମ୍ଭ ହେଲା ତାହା ନୁହେଁ; ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେଲା ଏବଂ କେବେ ଲୋକଙ୍କ କାମରେ ଆସିଲା, ତାହା। ଏକ ସରକାର ଯଦି ଯୋଜନା କରେ, ଦ୍ୱିତୀୟ ସରକାର ଯଦି ଅର୍ଥ ବ୍ୟବସ୍ଥା କରେ, ତୃତୀୟ ସରକାର ଯଦି ନିର୍ମାଣ ଶେଷ କରେ, ତେବେ ଏହା ସମସ୍ତଙ୍କର ପ୍ରଶାସନିକ ଯାତ୍ରା। କିନ୍ତୁ ଶେଷରେ ତାହାର ମାଲିକ ଜନତା। ଏହି କଥା ଆମେ ଭୁଲିବା ଉଚିତ ନୁହେଁ। ଓଡ଼ିଶାର ରାଜନୀତିରେ ଦୀର୍ଘ ସମୟ ଧରି ଶାସନ କରିଥିବା ପୂର୍ବ ସରକାର ଅନେକ ଦୀର୍ଘମିଆଦୀ ପ୍ରକଳ୍ପ ଆରମ୍ଭ କରିଥିଲା। ସେହି କାମର ଯେଉଁ ଭଲ ପରିଣାମ ଆଜି ମିଳୁଛି, ତାହାକୁ ଅସ୍ୱୀକାର କରିବା ଅନ୍ୟାୟ। କିନ୍ତୁ ସେହି ସମୟରେ ଅଧୁରା ଥିବା ପ୍ରକଳ୍ପକୁ ନୂଆ ସରକାର ଯଦି ଗତି ଦେଉଛି, ଅର୍ଥ ଯୋଗାଉଛି, ବାଧା ଦୂର କରୁଛି ଏବଂ ଲୋକଙ୍କ ପାଇଁ ଖୋଲିଦେଉଛି, ତେବେ ସେହି ପ୍ରଶାସନିକ ପରିଶ୍ରମକୁ ମଧ୍ୟ ଅସ୍ୱୀକାର କରିବା ଠିକ୍ ନୁହେଁ। ଉଦାହରଣ ସ୍ୱରୂପ ବିଦ୍ୟୁତ୍ କ୍ଷେତ୍ରରେ ଚଳିତ ବର୍ଷ ଏପ୍ରିଲରେ ୬୧୬ କୋଟି ଟଙ୍କାର ପ୍ରକଳ୍ପ ଅଧୀନରେ ତିନୋଟି ବିଦ୍ୟୁତ୍ ଉପକେନ୍ଦ୍ର ଓ ଆଠଟି ପ୍ରମୁଖ ପ୍ରେଷଣ ଲାଇନ୍ ଲୋକାର୍ପିତ ହୋଇଥିଲା। ଏହାର ଲାଭ କଟକ, ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳର ପ୍ରାୟ ୩୩ ଲକ୍ଷ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବାରେ ମିଳିବ ବୋଲି ରିପୋର୍ଟ ହୋଇଛି। ଏଠାରେ କେଉଁ ଦଳର ପତାକା ଲାଗିବ, ତାହା ଜଣେ ସାଧାରଣ ଉପଭୋକ୍ତାଙ୍କ ପ୍ରଶ୍ନ ନୁହେଁ। ତାଙ୍କ ପ୍ରଶ୍ନ ହେଉଛି—ବିଦ୍ୟୁତ୍ ? କେବେ ଯିବ ନାହିଁ, କେବେ ଆସିବ ନୁହେଁ। ସେହିପରି ସମ୍ବଲପୁରରେ ସେପ୍ଟେମ୍ବରରେ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ପ୍ରକଳ୍ପ ନେଇ କାର୍ଯ୍ୟକ୍ରମ ହୋଇଥିଲା; ୧୫ଟି ପ୍ରକଳ୍ପ ଲୋକାର୍ପିତ ହୋଇଥିବା ବେଳେ ୩୫ଟିର ଶିଳାନ୍ୟାସ ହୋଇଥିଲା। ସେଠାରେ ପାନୀୟଜଳ, ସଡ଼କ, ଜଳସେଚନ, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଗ୍ରାମୀଣ ବିକାଶ ଭଳି କ୍ଷେତ୍ର ସାମିଲ ଥିଲା। ଏହି ପ୍ରକଳ୍ପଗୁଡ଼ିକ ଯଦି ସମୟରେ ଶେଷ ହୁଏ, ତେବେ ସେଥିରୁ ଲାଭ ପାଇବେ ସମ୍ବଲପୁରବାସୀ। ସେମାନେ ଏହାକୁ ଦଳୀୟ ଚଶମାରେ ଦେଖିବେ ନାହିଁ। ଭଲ ରାସ୍ତା ଚାହୁଁଥିବା ଲୋକ ଭଲ ରାସ୍ତା ଚାହିଁବେ। ନିରନ୍ତର ପାଣି ଚାହୁଁଥିବା ଲୋକ ପାଣି ଚାହିଁବେ। ଚାକିରି ଚାହୁଁଥିବା ଯୁବକ ଚାକିରି ଚାହିଁବ। ଚିକିତ୍ସା ସୁବିଧା ଚାହୁଁଥିବା ପରିବାର ଭଲ ଚିକିତ୍ସାଳୟ ଚାହିଁବ। ଏହା ହିଁ ଗଣତନ୍ତ୍ରର ସବୁଠାରୁ ବଡ଼ ସତ୍ୟ। ସହର ବିକାଶ କ୍ଷେତ୍ରରେ ମଧ୍ୟ ୨୦୨୬ ଅଗଷ୍ଟରେ ୬୨ଟି ସହରାଞ୍ଚଳ ପାଇଁ ୫୯୩ଟି ପ୍ରକଳ୍ପ ଆରମ୍ଭ ହୋଇଥିବା ସରକାରୀ ତଥ୍ୟରେ ଦର୍ଶାଯାଇଛି। ସେଥିରୁ ୪୨୩ଟି ପ୍ରକଳ୍ପ ଉଦ୍‌ଘାଟନ ଏବଂ ୧୭୦ଟିର ଶିଳାନ୍ୟାସ ହୋଇଛି। ନୂଆ ୨୮ଟି ବିଜ୍ଞପିତ ଅଞ୍ଚଳ ପାଇଁ ୫୬୦ କୋଟି ଟଙ୍କାର ଭିତ୍ତିଭୂମି ପ୍ୟାକେଜ୍ ମଧ୍ୟ ଘୋଷଣା ହୋଇଛି। ଏହି ସବୁ ତଥ୍ୟକୁ ନେଇ ଯଦି ବିରୋଧୀ ପକ୍ଷ ସରକାରଙ୍କୁ ପ୍ରଶ୍ନ କରନ୍ତି, ତାହା ଗଣତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା। ସରକାରଙ୍କୁ ପ୍ରଶ୍ନ କରିବା ବିରୋଧୀଙ୍କ ଅଧିକାର। କିନ୍ତୁ 'ଆମ ସମୟରେ ଆରମ୍ଭ ହୋଇଥିଲା, ତେଣୁ ତୁମେ ଉଦ୍‌ଘାଟନ କରିପାରିବ ନାହିଁ'—ଏଭଳି ମନୋଭାବ ଲୋକଙ୍କ ହିତରେ ନୁହେଁ। ସେହିପରି 'ପୂର୍ବ ସରକାର କିଛି କରିନଥିଲା, ସବୁ କାମ ଆମେ ହିଁ କରୁଛୁ'—ଏଭଳି ଦାବି ମଧ୍ୟ ତଥ୍ୟସମ୍ମତ ହେବ ନାହିଁ। ରାଜନୀତିର ଦୁଇ ପକ୍ଷକୁ ଏହି ଦୁଇ ଚରମ ମନୋଭାବରୁ ବାହାରିବାକୁ ପଡ଼ିବ। ମୋହନ ଚରଣ ମାଝୀଙ୍କ ସରକାରକୁ ମଧ୍ୟ ଏଠାରେ ଏକ ବଡ଼ ଦାୟିତ୍ୱ ନେବାକୁ ହେବ। ଯେଉଁ ପ୍ରକଳ୍ପ ପୂର୍ବ ସରକାର ଆରମ୍ଭ କରିଥିଲା, ତାହାର ଇତିହାସକୁ ସ୍ପଷ୍ଟ ଭାବରେ ସରକାରୀ ଦଲିଲରେ ରଖାଯାଉ। କେତେ ଟଙ୍କା କେବେ ମଞ୍ଜୁର ହୋଇଥିଲା, କେତେ ଖର୍ଚ୍ଚ ହୋଇଥିଲା, କାହିଁକି ବିଳମ୍ବ ହୋଇଥିଲା, କେବେ ନୂଆ ସରକାର କାମ ହାତକୁ ନେଲା, କେତେ ଅତିରିକ୍ତ ଅର୍ଥ ଲାଗିଲା ଏବଂ କେବେ କାମ ସମ୍ପୂର୍ଣ୍ଣ ହେଲା—ସବୁ ତଥ୍ୟ ସାର୍ବଜନୀନ ହେଉ। ଏପରି ସ୍ୱଚ୍ଛତା ଥିଲେ ଶ୍ରେୟ ପାଇଁ ରାଜନୈତିକ ବିବାଦର ଅନେକ ଅଂଶ ନିଜେ ନିଜେ ଶେଷ ହୋଇଯିବ। କାରଣ ତଥ୍ୟ କେବେ ଦଳୀୟ ନୁହେଁ। ତଥ୍ୟ ହେଉଛି ତଥ୍ୟ। ଯେଉଁଠାରେ ପୂର୍ବ ସରକାରର ସଫଳତା ଅଛି, ତାହାକୁ ସ୍ୱୀକାର କରାଯାଉ। ଯେଉଁଠାରେ ବିଳମ୍ବ, ଅବ୍ୟବସ୍ଥା କିମ୍ବା ତ୍ରୁଟି ଅଛି, ତାହାର ତଦନ୍ତ ହେଉ। ଯେଉଁଠାରେ ବର୍ତ୍ତମାନ ସରକାର କାମକୁ ଗତି ଦେଇଛି, ସେଥିର ଶ୍ରେୟ ମଧ୍ୟ ସରକାରକୁ ମିଳୁ। ଏହା ହିଁ ନ୍ୟାୟସଙ୍ଗତ ରାଜନୈତିକ ମୂଲ୍ୟାୟନ। ଶେଷରେ ଲୋକ ହିଁ ବିଚାର କରିବେ। ରାଜନୈତିକ ଦଳ ନିଜ ନିଜ ସଫଳତାର ତାଲିକା ଦେଇପାରନ୍ତି, ଭାଷଣ ଦେଇପାରନ୍ତି, ପ୍ରଚାର କରିପାରନ୍ତି; କିନ୍ତୁ ଲୋକଙ୍କ ଦୈନନ୍ଦିନ ଜୀବନରେ କ'ଣ ବଦଳିଲା, ସେହି ହେଉଛି ପ୍ରକୃତ ପରୀକ୍ଷା। ଗାଁର ରାସ୍ତା ଭଲ ହେଲା କି? ଚାଷୀର ଜମିକୁ ପାଣି ପହଞ୍ଚିଲା କି? ଯୁବକଙ୍କୁ ନିଯୁକ୍ତି ମିଳିଲା କି? ମହିଳାଙ୍କ ଆର୍ଥିକ ସଶକ୍ତିକରଣ ବଢ଼ିଲା କି? ଗରିବଙ୍କୁ ଘର ମିଳିଲା କି? ରୋଗୀଙ୍କୁ ସମୟରେ ଚିକିତ୍ସା ମିଳିଲା କି? ବିଦ୍ୟୁତ୍, ପାଣି ଓ ପରିବହନ ସେବା ଉନ୍ନତ ହେଲା କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ସରକାରର ସଫଳତାର ମାପକ। କେବଳ ଉଦ୍‌ଘାଟନ ଫଳକରେ କାହାର ନାମ ରହିଲା ତାହା ନୁହେଁ। ତାଠାରୁ ଅଧିକ ଜରୁରୀ ହେଉଛି ଉଦ୍‌ଘାଟିତ ପ୍ରକଳ୍ପ କେତେ ଦିନ ତିଷ୍ଠିଲା, କେତେ ଲୋକଙ୍କୁ ସେବା ଦେଲା ଏବଂ ତାହାର ଗୁଣବତ୍ତା କେତେ ରହିଲା। ଏଠି ମଧ୍ୟ ବର୍ତ୍ତମାନ ସରକାରକୁ କଠୋର ହେବାକୁ ପଡ଼ିବ। ଶିଳାନ୍ୟାସ ଓ ଉଦ୍‌ଘାଟନର ସଂଖ୍ୟା ବଢ଼ାଇବା ଅପେକ୍ଷା ସମୟସୀମା ମଧ୍ୟରେ ଗୁଣାତ୍ମକ କାମ ସମ୍ପୂର୍ଣ୍ଣ କରିବା ଆବଶ୍ୟକ। କାରଣ ଶିଳାନ୍ୟାସ ଦ୍ୱାରା ଲୋକଙ୍କ ସମସ୍ୟା ଦୂର ହୁଏ ନାହିଁ; ସମ୍ପୂର୍ଣ୍ଣ ପ୍ରକଳ୍ପ ହେଲେ ହିଁ ସମସ୍ୟାର ସମାଧାନ ହୁଏ। ଏହି ଦୃଷ୍ଟିରୁ ମୋହନ ମାଝୀ ସରକାରଙ୍କ ପାଇଁ ଆଗାମୀ ସମୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ଦୁଇ ବର୍ଷରେ ଯେଉଁ ପ୍ରକଳ୍ପ ଆରମ୍ଭ ହୋଇଛି, ସେଗୁଡ଼ିକର ପରବର୍ତ୍ତୀ ପର୍ଯ୍ୟାୟ ହେଉଛି ଦ୍ରୁତ କାର୍ଯ୍ୟାନ୍ୱୟନ। ସରକାର ଯେଉଁ ୧୨୧ଟି ଯୋଜନା ଓ ପଦକ୍ଷେପର କଥା କହୁଛି, ସେଗୁଡ଼ିକର ପ୍ରକୃତ ଲାଭ କେତେ ଲୋକଙ୍କ ପାଖରେ ପହଞ୍ଚିଛି, ତାହା ମଧ୍ୟ ସ୍ୱଚ୍ଛ ଭାବରେ ପ୍ରକାଶ ପାଇବା ଦରକାର। ସରକାର ଯେତେବେଳେ ବଡ଼ ଦାବି କରିବ, ସେତେବେଳେ ବଡ଼ ଦାୟିତ୍ୱ ମଧ୍ୟ ନେବାକୁ ପଡ଼ିବ। ବିରୋଧୀ ଦଳର ମଧ୍ୟ ସେହିପରି ଦାୟିତ୍ୱ ଅଛି। ପ୍ରତ୍ୟେକ କାମରେ ତ୍ରୁଟି ଖୋଜିବା ହିଁ ବିରୋଧୀ ରାଜନୀତି ନୁହେଁ। ଭଲ କାମକୁ ଭଲ ବୋଲି କହିବା ଏବଂ ତ୍ରୁଟି ଥିଲେ ତଥ୍ୟ ସହ ପ୍ରଶ୍ନ କରିବା ହିଁ ସୁସ୍ଥ ବିରୋଧୀ ରାଜନୀତି। ଯଦି ଗୋଟିଏ ସରକାର ଭଲ ରାସ୍ତା କରେ, ବିରୋଧୀ ଦଳ ଏହାକୁ ଭଲ ବୋଲି କହିଲେ ତାହାର ରାଜନୈତିକ ଶକ୍ତି କମିଯିବ ନାହିଁ। ବରଂ ଲୋକଙ୍କ ଆସ୍ଥା ବଢ଼ିବ। ସେହିପରି ଯଦି କୌଣସି ପ୍ରକଳ୍ପରେ ଅନିୟମିତତା ଅଛି, ସରକାର ମଧ୍ୟ ତାହାକୁ ଦଳୀୟ ଚାପରେ ଲୁଚାଇବା ଉଚିତ ନୁହେଁ। ଏକ ସୁସ୍ଥ ଗଣତନ୍ତ୍ରରେ ଶାସକ ଓ ବିରୋଧୀ ଦୁହେଁ ଲୋକଙ୍କ ସମ୍ମୁଖରେ ଜବାବଦେହ। ତେଣୁ ଓଡ଼ିଶାର ଆଗାମୀ ରାଜନୀତି 'କିଏ ଶିଳାନ୍ୟାସ କଲା' ଓ 'କିଏ ଉଦ୍‌ଘାଟନ କଲା'ରେ ଅଟକି ରହିବା ଉଚିତ ନୁହେଁ। ପ୍ରଶ୍ନ ହେଉ—କାମ କେବେ ଶେଷ ହେବ? ଖର୍ଚ୍ଚ କେତେ ହେବ? ଗୁଣବତ୍ତା କିପରି ରହିବ? କେତେ ଲୋକ ଲାଭ ପାଇବେ? କେତେ ନିଯୁକ୍ତି ହେବ? କେତେ ବର୍ଷ ପର୍ଯ୍ୟନ୍ତ ଏହି ସମ୍ପତ୍ତି ଟିକିବ? ଏହି ପ୍ରଶ୍ନ ହିଁ ଓଡ଼ିଶାର ଭବିଷ୍ୟତ୍ ନିର୍ଦ୍ଧାରଣ କରିବ। ଶିଳ୍ପ କ୍ଷେତ୍ରରେ ମଧ୍ୟ ବର୍ତ୍ତମାନ ସରକାର ଅନେକ ବଡ଼ ପ୍ରସ୍ତାବ ଓ ପ୍ରକଳ୍ପ ଆଣିଛି। ଖୋର୍ଦ୍ଧାରେ ୪୦,୮୧୧ କୋଟି ଟଙ୍କାର ୩୬ଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସହ ୫୯ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିର କଥା ସରକାରୀ ଭାବେ କୁହାଯାଇଛି। ଏଠାରେ ମଧ୍ୟ ସରକାରଙ୍କ ପରୀକ୍ଷା ହେବ ଘୋଷଣାରେ ନୁହେଁ, କାର୍ଯ୍ୟାନ୍ୱୟନରେ। ପ୍ରସ୍ତାବ କେତେ ହେଲା ତାହାଠାରୁ କାରଖାନା କେତେ ଠିଆ ହେଲା, ନିବେଶ କେତେ ଆସିଲା ଏବଂ ଓଡ଼ିଆ ଯୁବକଙ୍କୁ କେତେ ନିଯୁକ୍ତି ମିଳିଲା, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରକାର ଜବାବଦେହିତା ହିଁ ବିକାଶକୁ ରାଜନୈତିକ ନାରାରୁ ବାହାର କରି ଜନଜୀବନର ବାସ୍ତବତାରେ ପରିଣତ କରିବ। ଆଜି ଯେଉଁ ରାଜନୈତିକ ଅସହିଷ୍ଣୁତା ଦେଖାଯାଉଛି, ତାହାର ମୂଳରେ ଗୋଟିଏ ଭ୍ରାନ୍ତ ଧାରଣା ରହିଛି—ବିକାଶର ଶ୍ରେୟ ଯେଉଁ ଦଳ ନେବ, ସେହି ଦଳ ରାଜନୈତିକ ଭାବେ ଲାଭ ପାଇବ। ତେଣୁ ଅନ୍ୟ ଦଳ ତାହାକୁ ରୋକିବାକୁ ଚାହେ। କିନ୍ତୁ ଏହା ଲୋକଙ୍କୁ ଅବମାନ କରିବା ସମାନ। ଲୋକ ଏତେ ସରଳ ନୁହନ୍ତି। ସେମାନେ ଦେଖନ୍ତି, ତୁଳନା କରନ୍ତି ଏବଂ ନିଜ ଅନୁଭବରୁ ନିଷ୍ପତ୍ତି ନିଅନ୍ତି। କୌଣସି ସରକାର ଯଦି କାମ କରେ, ଲୋକ ତାହାକୁ ଦେଖନ୍ତି। କୌଣସି ସରକାର ଯଦି କାମ କରେ ନାହିଁ, ଲୋକ ସେହିଥିକୁ ମଧ୍ୟ ମନେ ରଖନ୍ତି। ତେଣୁ ବିକାଶକୁ ଅଟକାଇ ରାଜନୈତିକ ଲାଭ ମିଳିବ ବୋଲି ଭାବିବା ଭୁଲ। ଓଡ଼ିଶାର ଲୋକ ଏବେ ଅଧିକ ସଚେତନ। ସେମାନେ ଚାହୁଁଛନ୍ତି ନିର୍ବାଚନ ଆସିଲେ ପ୍ରତିଶ୍ରୁତି ନୁହେଁ, ନିର୍ବାଚନ ପରେ ପ୍ରତିଶ୍ରୁତିର ପରିଣାମ। ସେମାନେ ଚାହୁଁଛନ୍ତି ଯୋଜନା ନୁହେଁ, ଯୋଜନାର ଲାଭ। ସେମାନେ ଚାହୁଁଛନ୍ତି ଘୋଷଣା ନୁହେଁ, କାମ। ସେମାନେ ଚାହୁଁଛନ୍ତି ଶିଳାନ୍ୟାସ ନୁହେଁ, ସମ୍ପୂର୍ଣ୍ଣ ପ୍ରକଳ୍ପ। ସେମାନେ ଚାହୁଁଛନ୍ତି ଫଳକ ନୁହେଁ, ଫଳ। ଏହି ମନୋଭାବକୁ ରାଜନୈତିକ ଦଳଗୁଡ଼ିକ ବୁଝିବାର ସମୟ ଆସିଛି। ମୋହନ ମାଝୀ ସରକାର ନିଜକୁ ଯଦି ଲୋକଙ୍କ ସରକାର ବୋଲି କହୁଛି, ତେବେ ତାହାର ସବୁଠାରୁ ବଡ଼ ପରିଚୟ ହେବା ଉଚିତ—ଲୋକଙ୍କ କାମ ସମୟରେ ହେବା। ସେହିପରି ପୂର୍ବ ସରକାର ମଧ୍ୟ ଯଦି ନିଜ ଶାସନକାଳର ବିକାଶ କାର୍ଯ୍ୟର ଦାବି କରେ, ତେବେ ତାହାକୁ ତଥ୍ୟ ସହ ଲୋକଙ୍କ ସମ୍ମୁଖରେ ରଖିବାର ଅଧିକାର ଅଛି। କିନ୍ତୁ ଏହି ଦୁଇ ପକ୍ଷର ମଧ୍ୟରେ ଯେଉଁ ସଂଘର୍ଷ ହେବା ଉଚିତ ନୁହେଁ, ତାହା ହେଉଛି 'ମୋର ଶ୍ରେୟ ବନାମ ତୁମର ଶ୍ରେୟ'। ପ୍ରକୃତ ସଂଘର୍ଷ ହେବା ଉଚିତ 'କିଏ ଅଧିକ ଭଲ କାମ

(କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଅକ୍ଟୋବର, ୨୦୨୬ ସୋମବାର





# ଗଞ୍ଜାମ ଜିଲ୍ଲାର ୧୯ ଡିଡିଓ ସ୍କୁଲରେ ନାହାନ୍ତି ପ୍ରଧାନ ଶିକ୍ଷକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଶିକ୍ଷା ବିଭାଗର ପ୍ରଶାସନିକ ବ୍ୟବସ୍ଥା ଦୁର୍ବଳ ହେବାରେ ଲାଗିଛି । ଜିଲ୍ଲାର ବିଭିନ୍ନ ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର ମାନ୍ୟତାପ୍ରାପ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲିପଡ଼ିଥିବା ବେଳେ ଶିକ୍ଷା ବିଭାଗରେ ଓଇଏସ୍ ଅଧିକାରୀଙ୍କ ଅଭାବ ମଧ୍ୟ ପ୍ରଶାସନିକ କାର୍ଯ୍ୟକୁ ପ୍ରଭାବିତ କରୁଛି । ଗଞ୍ଜାମ ଜିଲ୍ଲାର ମୋଟ୍ ୩୨ଟି ଡ଼ିଡ଼ିଓ ବିଦ୍ୟାଳୟ ମଧ୍ୟରୁ ୧୯ଟିରେ ନିୟମିତ ପ୍ରଧାନଶିକ୍ଷକ ନାହାନ୍ତି । ଅର୍ଥାତ୍ ଅଧାରୁ ଅଧିକ ଡ଼ିଡ଼ିଓ ବିଦ୍ୟାଳୟ ଏବେବି ପ୍ରଧାନଶିକ୍ଷକ ଶୂନ୍ୟ ରହିଛି । ବ୍ରହ୍ମପୁର ସହରରେ ଥିବା ମେଡ଼ିକାଲ୍ କ୍ୟାମ୍ପସ୍ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ-୨, କୁଇନ୍ ଅଫ୍ ଦି ମିଶନ ଉଚ୍ଚ ବିଦ୍ୟାଳୟ, କନିଷି ସ୍ଥିତ ବାଲାଜୀ ବିଦ୍ୟାପୀଠ, ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ଜିଲ୍ଲାର ଆସିକା, ବୁଗୁଡ଼ା, ଚିକିଟି, ଧରାକୋଟ, ଦିଗପହଣ୍ଡି, ଗଞ୍ଜାମ, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ପୋଲସରା ଓ କ୍ଷେତ୍ରିୟବରପୁର ସ୍ଥିତ ଡ଼ିଡ଼ିଓ ସ୍କୁଲ ଗୁଡ଼ିକରେ ପ୍ରଧାନଶିକ୍ଷକ ପଦବୀ ଖାଲିପଡ଼ିଥିବା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟ ବିଦ୍ୟାଳୟ ତୁଳନାରେ ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ରହିଥାଏ । ଏଭଳି ପରିସ୍ଥିତିରେ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ ଦାୟିତ୍ୱରେ ଅନ୍ୟ ଏକ ଡ଼ିଡ଼ିଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ରହିଛନ୍ତି । ଫଳରେ ଏହି ବିଦ୍ୟାଳୟଗୁଡ଼ିକର ପ୍ରଶାସନିକ ଓ ଶିକ୍ଷାଗତ ଦାୟିତ୍ୱ ଅନ୍ୟ ଶିକ୍ଷକଙ୍କ ଉପରେ ନ୍ୟସ୍ତ କରାଯାଉଛି । ଏହା ଫଳରେ ବିଦ୍ୟାଳୟର ଦୈନନ୍ଦିନ ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ଡିଡିଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଉପରେ କେବଳ ଶିକ୍ଷାଦାନର ତଦାରଖ ନୁହେଁ ଆର୍ଥିକ ଓ ପ୍ରଶାସନିକ ଦାୟିତ୍ୱ ମଧ୍ୟ ନ୍ୟସ୍ତ ରହିଥାଏ । କର୍ମଚାରୀଙ୍କ ବିଲ୍ ପ୍ରସ୍ତୁତି, ଟ୍ରେଜେରୀରୁ ଅର୍ଥ ଉଠାଣ, ବିଦ୍ୟାଳୟ ପାଣ୍ଠିର ବ୍ୟବହାର, ବିଭିନ୍ନ ରେକର୍ଡ଼ର ତଦାରଖ ଏବଂ ବାର୍ଷିକ ବଜେଟ୍ ଆକଳନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱରେ ରହିଥାଏ । ତେଣୁ ପଦବୀ ଖାଲି ରହିବା ଦ୍ୱାରା ଏସବୁ କାର୍ଯ୍ୟର ସୁଚାରୁ ପରିଚାଳନା ନେଇ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ, ଜିଲ୍ଲାରେ ଓଇଏସ୍ ଅଧିକାରୀଙ୍କ ଅଭାବ ଶିକ୍ଷା ପ୍ରଶାସନ ପାଇଁ ଆଉ ଏକ ସମସ୍ୟା ହୋଇଛି । ଆବଶ୍ୟକ ସଂଖ୍ୟକ ଅଧିକାରୀ ନଥିବାରୁ ଜଣେ ଅଧିକାରୀଙ୍କୁ ଏକାଧିକ ଦାୟିତ୍ୱ ତୁଲାଇବାକୁ ପଡୁଛି । ଫଳରେ ବିଦ୍ୟାଳୟ ପରିଦର୍ଶନ, ବିଭାଗୀୟ କାର୍ଯ୍ୟର ତଦାରଖ, ଶିକ୍ଷକ ପରିଚାଳନା ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ଆଶାନୁରୂପ ଗତି ମିଳୁଥିବାର ଅଭିଯୋଗ ହେଉଛି । ବିଶେଷ କରି ଡିଡିଓ ଭଳି ଗୁରୁତ୍ୱପୂର୍ଣ୍ଣ ବିଦ୍ୟାଳୟରେ ଦୀର୍ଘ ସମୟ ଧରି ପ୍ରଧାନଶିକ୍ଷକ ପଦବୀ ଖାଲି ରହିବା ଶିକ୍ଷା ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ ପାଲଟିଛି । ବିଦ୍ୟାଳୟରେ ମୁଖିଆ ନଥିବାରୁ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ, ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ, ପ୍ରଶାସନିକ ନିଷ୍ପତ୍ତି ଏବଂ ଦୈନିକ ପରିଚାଳନା ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ପ୍ରକାଶ ପାଉଛି । ଏପରି ସ୍ଥିତିରେ ଖାଲିପଡ଼ିଥିବା ପ୍ରଧାନଶିକ୍ଷକ ପଦବୀଗୁଡ଼ିକ ତୁରନ୍ତ ପୂରଣ କରିବା ସହ ଶିକ୍ଷା ବିଭାଗରେ ଆବଶ୍ୟକ ସଂଖ୍ୟକ ଓଇଏସ୍ ଅଧିକାରୀ ନିଯୁକ୍ତି ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି । ଅଧିକାରୀ ଓ ପ୍ରଧାନଶିକ୍ଷକଙ୍କ ଅଭାବ ଦୂର ନହେଲେ ଜିଲ୍ଲାର ଶିକ୍ଷା ପ୍ରଶାସନ ସହ ଶିକ୍ଷାଦାନ ବ୍ୟବସ୍ଥା ମଧ୍ୟ ଆହୁରି ପ୍ରଭାବିତ ହେବାର ଆଶଙ୍କା ରହିଛି । ତେଣୁ ଏଥିପ୍ରତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହ ତୁରନ୍ତ ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ଶିକ୍ଷାବିତ୍ ମହଲରେ ଦାବି ହେଉଛି ।

# ତାଳପତ୍ର ପୋଥି ସଂରକ୍ଷଣ ଓ ସଂଗ୍ରହାଳୟର ବିକାଶ ଉପରେ ଗୁରୁତ୍ୱ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ତାଳପତ୍ର ପୋଥି ସଂରକ୍ଷଣ ଓଡ଼ିଶା ରାଜ୍ୟ ସଂଯୋଜକ ଡ଼ ସଦାନନ୍ଦ ଦୀକ୍ଷିତ ବୌଦ୍ଧ ଜିଲ୍ଲାରେ ତାଳପତ୍ର ପୋଥି ଉପରେ ସମୀକ୍ଷା କରିଥିଲେ । ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାଶ, ସମ୍ପାଦକ ଦେବାଶିଷ ପୁରୋହିତ ଓ ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ବୌଦ୍ଧ ବ୍ଲକ ଅନ୍ତର୍ଗତ କମିରା ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର, ହରଭଙ୍ଗା ବ୍ଲକ ଅନ୍ତର୍ଗତ ବିରାମଚନ୍ଦ୍ରପୁର ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଜିଲ୍ଲା ସଂଗ୍ରହାଳୟ ଠାରେ ରହିଥିବା ତାଳପତ୍ର ପୋଥି ଦେଖିଥିଲେ । ବିଭିନ୍ନ ମନ୍ଦିରରେ ରହିଥିବା ତାଳପତ୍ର ପୋଥି ରକ୍ଷଣାବେକ୍ଷଣ ଅଭାବରୁ ଜୀର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ଜଣେ ବ୍ୟକ୍ତି ପାଖରେ ଦୁର୍ଲଭ ପୋଥି ସୁରକ୍ଷିତ ଭାବେ ରହିଥିବା ଏବଂ ପ୍ରକାଶିତ କରିବା ପାଇଁ ପ୍ରଚେଷ୍ଟା କରୁଥିବାରୁ ଉତ୍ସାହିତ କରିଥିଲେ । ଜିଲ୍ଲା ସଂଗ୍ରହାଳୟ ପରିଦର୍ଶନ କରି ଭୂରି ଭୂରି ପ୍ରଶଂସା କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସଂସ୍କୃତି ଅଧିକାରୀ ଅର୍ଚ୍ଚିତା ସାହୁ ଓ ବିଭାଗୀୟ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା ତାଳପତ୍ର ପୋଥିର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ଡ଼ ଦୀକ୍ଷିତ ପ୍ରସ୍ତାବ ଦେଇଥିଲେ । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହିତ ଆଲୋଚନା କରି ଜିଲ୍ଲାରେ ପୋଥି ସଂରକ୍ଷଣ ପାଇଁ ପଦକ୍ଷେପ ଗ୍ରହଣ କରିବା ସହିତ ସଂଗ୍ରହାଳୟର ଉନ୍ନତି ପାଇଁ ଆଲୋଚନା କରାଯିବ ବୋଲି ପ୍ରକାଶ କରିଥିଲେ । ସନ୍ଧ୍ୟାରେ ବୌଦ୍ଧ ସହରର ବିଭିନ୍ନ ବୁଦ୍ଧିଜୀବୀମାନଙ୍କ ପାଖକୁ ଯାଇ ଦେଶରେ ସଂସ୍କୃତର ରକ୍ଷା ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

## ରାସ୍ତା ଅବସ୍ଥା ଶୋଚନୀୟ:ଗ୍ରାମବାସୀ ହଟହଟା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ଅଁଳାପାଲି ପଞ୍ଚାୟତ ଅନ୍ତର୍ଗତ ଜଟିପାଲି ଗ୍ରାମ୍ୟ ରାସ୍ତାର ଅବସ୍ଥା ଦୀର୍ଘଦିନ ହେଲା ଶୋଚନୀୟ ହୋଇପଡ଼ିଛି। ବର୍ଷା ହେଲେ ରାସ୍ତାରେ କାଦୁଅ ପଚପଚ ହୋଇଯାଉଥିବାରୁ ଲୋକଙ୍କ ଯାତାୟାତ ଦୁର୍ବିସହ ହୋଇପଡୁଛି। ରାସ୍ତାରେ ଉପଯୁକ୍ତ ମରାମତି ଓ ନିଷ୍କାସନ ବ୍ୟବସ୍ଥା ନଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ଏଭଳି ସମସ୍ୟା ଦେଖାଦେଉଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକେ ଦୈନିକ କାର୍ଯ୍ୟରେ ନାନା ଅସୁବିଧା ଭୋଗୁଛନ୍ତି। ବିଶେଷକରି ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ଯାତାୟାତ ପ୍ରଭାବିତ ହେଉଛି। ରୋଗୀଙ୍କୁ ଚିକିତ୍ସା ପାଇଁ ନେବା ସମୟରେ ମଧ୍ୟ ରାସ୍ତାର ଅବସ୍ଥା ଚିନ୍ତାର କାରଣ ପାଲଟିଛି। ଏପରିକି ଗ୍ରାମକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନେଇ ଯାଉଥିବା ଯାନବାହନ ମଧ୍ୟ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛି। ବର୍ଷା ଋତୁରେ ସମସ୍ୟା ଆହୁରି ଗୁରୁତର ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ତୁରନ୍ତ ରାସ୍ତାର ମରାମତି କରି ଯାତାୟାତ ଉପଯୋଗୀ କରାଯିବା ସହ ସ୍ଥାୟୀଭାବେ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ଟିକିଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି-୨୬

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଟିକିଲି ସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ଶବରଙ୍କ ସଭାପତିତ୍ୱରେ କ୍ଲଷ୍ଟର ସ୍ତରୀୟ ସୁରଭି-୨୦୨୬ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି । ଟିକିଲି କ୍ଲଷ୍ଟର ସିଆରସିସି ନିରଞ୍ଜନ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବ୍ଲକ ଅଧକ୍ଷା କୁମାରୀ ଦାସ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଏବିଇଓ ନିରଞ୍ଜନ ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ଶିଶୁ ମହୋତ୍ସବ ସୁରଭି-୨୦୨୬ କାର୍ଯ୍ୟକ୍ରମର ସଫଳତା କାମନା ସହ ଶୁଭେଚ୍ଛା ଶୁଭ ଅଭିନନ୍ଦନ ଜଣାଇଥିଲେ। ଏହି ସୁରଭି କାର୍ଯ୍ୟକ୍ରମରେ ୧୨ ଗୋଟି ବିଦ୍ୟାଳୟର ୧୬୦ ଜଣ ପ୍ରତିଯୋଗୀ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଖଲ୍ଲିକୋଟ ବ୍ଲକ ଏବିଇଓ ସୁଶାନ୍ତ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ଖୁଣ୍ଟିଆ, ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ, ଯୁବ ସାହିତ୍ୟିକ ତଥା କନକା କ୍ଲଷ୍ଟର ସିଆର୍‌ସିସି ଡକ୍ଟର ଦ୍ୱାରିକା ନାଥ ମହାରଣା, କୋମଣ୍ଡ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାରିଣୀ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୁମୁଦ ଚନ୍ଦ୍ର ବେହେରା, ସେହିପରି ଟିକିଲି କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୋକୁଳ ନାୟକ, ସୁଶାନ୍ତ କୁମାର ଗୌଡ଼, ଆଶିଷ କୁମାର ମହାପାତ୍ର ମଞ୍ଚ ପରିଚାଳନା କାର୍ଯ୍ୟ ତୁଲାଇଥିଲେ । ଟିକିଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତଥା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁରଭି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଆଦର୍ଶ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ମାସ–୨୦୨୬

# ମା’ ଓ ଶିଶୁଙ୍କ ସୁସ୍ଥ ସ୍ୱାସ୍ଥ୍ୟ ନେଇ ସମାଜ ଗଠନ ଲକ୍ଷ୍ୟରେ ଓଡ଼ିଶା ଜୀବିକା ମିଶନ

**ବୀରମହାରାଜପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଆଦର୍ଶ ଗ୍ରାମପଞ୍ଚାୟତ ସ୍ତରୀୟ ସଂଘ ସୁବଳୟା ମା’ ଓ ଶିଶୁଙ୍କ ସୁସ୍ଥ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ଏବଂ କୁପୋଷଣ ମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଓଡ଼ିଶା ଜୀବିକା ମିଶନ, ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଆଦର୍ଶ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ, ସୁବଳୟାରେ ରାଷ୍ଟ୍ରୀୟ ପୋଷଣ ମାସ–୨୦୨୬ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ସଭାନେତ୍ରୀ ମୀରା ବାରିକ ସଭାପତିତ୍ୱ କରିଥିବା ବେଳେ ନଥି ପତ୍ର ପରିଚାଳିକା ବବିତା ରାଣୀ ମହାପାତ୍ର ମହିଳା ମାନଙ୍କ ମଧ୍ୟରେ ପୋଷଣ, ସ୍ୱାସ୍ଥ୍ୟ ଓ ସନ୍ତୁଳିତ ଆହାର ସମ୍ପର୍କିତ ସଚେତନତା ବୃଦ୍ଧି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର CRP ଭଉଣୀ ମାନେ ଓ କାର୍ଯ୍ୟନିର୍ବାହୀ କମିଟି (EC)ର ସଭ୍ୟାମାନେ ଏବଂ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାମାନେ ଯୋଗଦେଇଥିଲେ। ସମସ୍ତଙ୍କ ଉପସ୍ଥିତିରେ FNHW ତାଲିମ ପ୍ରାପ୍ତ ପୋଷଣ ସଖୀ ରେଖା ନାଏକ ପୋଷଣର ଗୁରୁତ୍ୱ, ଗର୍ଭାବସ୍ଥାରେ ଉପଯୁକ୍ତ ଖାଦ୍ୟ ଗ୍ରହଣ, ମା’ ଓ ଶିଶୁଙ୍କ ଯତ୍ନ ଏବଂ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପନିପରିବା, ଶସ୍ୟ, ଡାଲି, କ୍ୟାଲ୍‌ସିୟମ୍ ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ସାମଗ୍ରୀକୁ ସୁନ୍ଦର ଭାବରେ ସଜାଇ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନୀ ମାଧ୍ୟମରେ ଦୈନନ୍ଦିନ ଖାଦ୍ୟରେ ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ସାମିଲ କରିବା, ସ୍ଥାନୀୟ ଭାବରେ ଉପଲବ୍ଧ ଖାଦ୍ୟ ସାମଗ୍ରୀର ସଦୁପଯୋଗ କରିବା ଏବଂ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପୋଷଣ ଆବଶ୍ୟକତା ପ୍ରତି ଧ୍ୟାନ ଦେବାର ବାର୍ତ୍ତା ଦିଆଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ମହିଳା ମାନଙ୍କ ମଧ୍ୟରେ ପୋଷଣ ସମ୍ପର୍କିତ ଜ୍ଞାନ ବୃଦ୍ଧି କରିବା ସହ ଘରେ ଘରେ ପୁଷ୍ଟିକର ଖାଦ୍ୟର ଅଭ୍ୟାସ କରି ଗଢ଼ି ତୋଳିବା ଏବଂ କୁପୋଷଣ ଦୂରୀକରଣ ଦିଗରେ ସଂଘର ସମସ୍ତ ଆଞ୍ଚଳିକ ମଞ୍ଚ ସ୍ତରରେ ମଧଧ ପୋଷଣ ମାସ ପାଳନ କରାଯାଇଥିଲା। ଶେଷରେ ଯୁଗ୍ମ ସମ୍ପାଦିକା କ୍ରିଷ୍ଣା ନାଏକ୍ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

# ଖେମୁଣ୍ଡି କଲେଜରେ ନିର୍ବାଚନୀ ମାହୋଲ ସରଗରମ



**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦିଗପହଣ୍ଡିର ଖେମୁଣ୍ଡି ବିଜ୍ଞାନ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବଢ଼ିଛି । ନାମାଙ୍କନ ଦାଖଲର ଶେଷ ଦିନ ଗୁରୁବାର କଲେଜ ପରିସର ଛାତ୍ରଛାତ୍ରୀଙ୍କ ନାରାବାଜିରେ କମ୍ପିଛି । ସଭାପତି ପଦ ପାଇଁ ଛାତ୍ରନେତା ରାଜେନ୍ଦ୍ର ସେଠୀ (ରାଜୁ) ସ୍ୱାଧୀନ ପ୍ରାର୍ଥୀ ଭାବେ ନିଜର ଶତାଧିକ ସମର୍ଥକ ଏବଂ ସହଯୋଗୀଙ୍କ ସହ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ପ୍ୟାନେଲ୍‌ରେ ଉପସଭାପତି ପାଇଁ ରାଧାରାଣୀ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ପାଇଁ କୈଳାସ ମାଝୀ ଏବଂ ସହସମ୍ପାଦକ ପାଇଁ ଟୁକୁନା ସବର ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପଟେ ବିପକ୍ଷ ଗୋଷ୍ଠୀରୁ ସଭାପତି ପଦ ପାଇଁ ଡି. ସଞ୍ଜୀବ ଦୋରା ଏବଂ ଉପସଭାପତି ପଦ ପାଇଁ ଈଶାନ ନାୟକ ନାମାଙ୍କନ ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ପରେ ରାଜେନ୍ଦ୍ର ସେଠୀ କହିଛନ୍ତି, ଏହା କେବଳ ନିର୍ବାଚନ ନୁହେଁ, ଛାତ୍ର ସ୍ୱାଭିମାନର ଲଢେଇ। କଲେଜରେ ଲାଇବ୍ରେରୀ, ଖେଳ ପଡିଆ, ପାନୀୟ ଜଳ ଏବଂ ଛାତ୍ରୀ ସୁରକ୍ଷା ଆମର ମୁଖ୍ୟ ପ୍ରସଙ୍ଗ। ତାଙ୍କ ସମର୍ଥନରେ ପ୍ରିୟଙ୍କା ପ୍ରଧାନ, ବାଲାଜୀ ରେଡ୍ଡୀ, ବିକାଶ ଜେନା ଓ ସୁଧାଂଶୁ ଦାଶଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ। ସୂଚନା ଥାଉକି, ଆଗାମୀ କିଛି ଦିନ ମଧ୍ୟରେ ନାମାଙ୍କନ ଯାଞ୍ଚ ଓ ପ୍ରତ୍ୟାହାର ପରେ ଚୂଡ଼ାନ୍ତ ଚିତ୍ର ସ୍ପଷ୍ଟ ହେବ। ବର୍ତ୍ତମାନ କଲେଜରେ କିଏ ବାଜି ମାରିବ ତାକୁ ନେଇ ଆଲୋଚନା ଜୋର୍ ଧରିଛି।



# ନାଟକ ମାଧ୍ୟମରେ ସେବାସଙ୍କଳ୍ପ ଅଭିଯାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଜଗତସିଂହପୁର ସଦର ମହକୁମା ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ନାଟକ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ନାଟକ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ‘ନମୋ ସେବା ଗାଥା’ ନାଟକ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ, ଜଗତସିଂହପୁର ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ନାଟକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅର୍ଚ୍ଚନା ସିଂହ, ଅଧ୍ୟକ୍ଷା, ଜଗତସିଂହପୁର ପୌରପରିଷଦ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବିତ କୁମାର ରାଉତ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ନାଟକ ଉତ୍ସବରେ ତହସିଲଦାର, ଜଗତସିଂହପୁର, ଡେପୁଟି କଲେକ୍ଟର (ସଂସ୍ଥା), ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ତଥା ସାଧାରଣ ନାଗରିକ ଉପସ୍ଥିତ ଥିଲେ। ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବ ଭୋଟରଙ୍କୁ ଅନ୍ତର୍ଭୁକ୍ତି ପାଇଁ ସଚେତନତା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ଷ୍ଟାଡିୟମ୍ ପରିସରରେ ଆୟୋଜିତ ବିକଶିତ ଭାରତ ସଂକଳ୍ପ ସଭା ଏବଂ ସେବା ସଂକଳ୍ପ ଅଭିଯାନରେ ଯୋଗଦେଇଥିବା କଲେଜ ଛାତ୍ରଛାତ୍ରୀ ଓ ଯୁବକ-ଯୁବତୀମାନଙ୍କୁ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ମଂସିତ୍ ସ୍ୱରୂପ ଉପସ୍ଥିତ ରହି ଯୁବ ଭୋଟରମାନଙ୍କୁ ନିର୍ବାଚନୀ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏଥିସହ ଫର୍ମ-୬ ବଣ୍ଟନ କରାଯାଇ ଏହାକୁ କିପରି ପୂରଣ କରିବାକୁ ହେବ, ସେ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଦିଆଯାଇଥିଲା। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ବ୍ୟକ୍ତି ଏବଂ ନୂତନ ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା ପାଇଁ ଚଳିତ ମାସ ୭, ୮ ଓ ୯ ତାରିଖରେ ସ୍ୱତନ୍ତ୍ର ଅଭିଯାନ ଅନୁଷ୍ଠିତ ହୋଇଛି। ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ, ସ୍ୱଚ୍ଛ ଓ ସଠିକ୍ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ୨୦୨୬ ଅକ୍ଟୋବର ୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୋଗ୍ୟ ଯୁବକ ଯୁବତୀମାନେ ଏହି ସୁଯୋଗରେ ନିଜ ନାମ ଭୋଟର ତାଲିକାରେ ପଞ୍ଜିକୃତ କରାଇପାରିବେ। ସେହିପରି କୌଣସି କାରଣରୁ ଯେଉଁ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଚୂଡ଼ାନ୍ତ ଭୋଟର ତାଲିକାରେ ସ୍ଥାନ ପାଇନାହିଁ, ସେମାନେ ମଧ୍ୟ ଫର୍ମ-୬ ମାଧ୍ୟମରେ ନାମ ଅନ୍ତର୍ଭୁକ୍ତି ପାଇଁ ଆବେଦନ କରିପାରିବେ। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଯୋଗ୍ୟ ଯୁବ ଭୋଟର ନିଜ ନିଜ ବୁଥ୍‌ର ବୁଥ୍ ଲେଭେଲ୍ ଅଫିସର (ବିଏଲ୍‌ଓ)ଙ୍କ ନିକଟରେ ଫର୍ମ-୬ ଦାଖଲ କରି ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି।

# ବଡବଜାର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଉତ୍ସବ ସୁରଭି ଅନୁଷ୍ଠିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୋନପୁର ସଦର ପୌରାଞ୍ଚଳର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡବଜାର ଠାରେ ପ୍ରାୟ ୨୫୦ ଛାତ୍ର ଛାତ୍ରୀଙ୍କ ଗହଣରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ସିଆରସିସି ବୁଦ୍ଧଦେବ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସମ୍ମାନନୀୟା ସରସ୍ୱତୀ ନାୟକ ଓ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସମ୍ମାନନୀୟା ସୁଶ୍ରୀ ରୀତା ଗ୍ଲୋରିଆ ଏକ୍କା ଯୋଗଦାନ କରିଥିଲେ। ଶ୍ରୀମତି ନାୟକ ଓ ସୁଶ୍ରୀ ଏକ୍କା ଜୀବନରେ ସଫଳତା ପାଇବାକୁ ହେଲେ ସଂଘର୍ଷ, କଠିନ ପରିଶ୍ରମ ଓ ସକାରାତ୍ମକ ମନୋଭାବ ନିତାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ। ତାଙ୍କ ବକ୍ତବ୍ୟରେ ଶିକ୍ଷା ଏକ ସ୍ୱତନ୍ତ୍ର ଅସ୍ତ୍ର ଯାହା ମାଧ୍ୟମରେ ଜୀବନର ଚଲାପଥରେ ଆସୁଥିବା ସମସ୍ତ ଆହ୍ୱାନକୁ ଅତିକ୍ରମ କରି ସମାଜରେ ପ୍ରତିଷ୍ଠିତ ହେବାକୁ ବାଟ କଢାଇ ଥାଏ। ଉଦ୍‌ଯାପନୀ ସଭାରେ ସହକାରି ଗୋଷ୍ଠୀ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ନିଜର ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା ପାଇଁ ବିଚାରକ ଭାବେ ଶ୍ୟାମ ସୁନ୍ଦର ମେହେର, ଖରଝୁରା ସିଆର୍‌ସିସି ଦୁର୍ଯ୍ୟୋଧନ ମେହେର, ଶିକ୍ଷକ ଭରଦ୍ୱାଜ ଦାଶ, ମଝିପଡା ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ତାଣ୍ଡି, ପଟାଭାଡି ପ୍ରାଥମିକ ବିଦ୍ୟାଳୟରୁ ପୁଷ୍ପା ସିଂହ, ବାଳିକା ଉଚ୍ଚ ବିଦ୍ୟାଳୟରୁ ମମିତା ଭୋଇ, ମାମି ବଢ଼ିଆ, ଆଲୋକ ଗହନ, ବଡବଜାର ଉପ୍ରା ବିଦ୍ୟାଳୟରୁ ତପସ୍ୱିନୀ ଦାଶ, ଭାରତୀ କର୍ଣ୍ଣ, ଗୀତାଞ୍ଜଳୀ ଦରୱାନ, ସବିତା ସାହୁ, ସୁରେଶ୍ୱରୀ ପ୍ରାଥମିକ ବିଦ୍ୟାଳୟରୁ ରୀତାରାଣୀ କର, ଟାଉନ୍ ପ୍ରାଥମିକ ବିଦ୍ୟାଳୟରୁ ଆରତୀ ବହିଦାର ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ କାର୍ଯ୍ୟକ୍ରମର ଇଭେଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ ସାମଗ୍ରିକ ପର୍ଯ୍ୟବେକ୍ଷଣ କରୁଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଦରୱାନ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଚୂଡ଼ାମଣି ପ୍ରଧାନ ଶୃଙ୍ଖଳା ଦାୟିତ୍ୱରେ ଓ ସମସ୍ତ ରୋଷେୟା କର୍ମଚାରୀ ଖାଦ୍ୟ ପରିବେଷଣରେ ସାହାଯ୍ୟ କରିଥିଲେ। ପରିଶେଷରେ ସମସ୍ତ ପ୍ରତିଭାଗୀ ମାନଙ୍କୁ କ୍ଲଷ୍ଟର୍ ତରଫରୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ସବିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଚାକିରି ମିଠା ସ୍ୱପ୍ନ ଦେଖି ଅନ୍ଧାରରେ ହଜିଯାଉଛନ୍ତି ଅନେକ ଯୁବତୀ !

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଚାକିରିର ପ୍ରଲୋଭନ, କମ୍ପ୍ୟୁଟର ଶିକ୍ଷାର ଆଳ ଏବଂ ଭଲ ଭବିଷ୍ୟତର ସ୍ୱପ୍ନ। ଘରୁ ବାହାରୁଛନ୍ତି ଯୁବତୀ ଓ ମହିଳା। କିନ୍ତୁ ତା’ପରେ କେହି କେହି ଘରକୁ ଫେରୁନାହାନ୍ତି। ଏପରି ନିଖୋଜ ଘଟଣାକୁ ନେଇ ଦିଗପହଣ୍ଡି ଅଞ୍ଚଳରେ ଚିନ୍ତା ବଢୁଥିବା ବେଳେ ମାନବ ଚାଲାଣ ଓ ଦେହ ବ୍ୟବସାୟ ଦଲାଲଙ୍କ ସମ୍ଭାବ୍ୟ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସ୍ଥାନୀୟ ମହଲରେ ଅଭିଯୋଗ ହେଉଛି, ଚିଙ୍ଗୁଡ଼ି କମ୍ପାନୀ କିମ୍ବା ଅନ୍ୟ ସଂସ୍ଥାରେ ଚାକିରି ଦେବାର ପ୍ରଲୋଭନ ଦେଖାଇ ଯୁବତୀମାନଙ୍କୁ ଅନ୍ୟ ଜିଲ୍ଲା କିମ୍ବା ରାଜ୍ୟକୁ ନେବା ପାଇଁ କେତେକ ମଧ୍ୟସ୍ଥ ସକ୍ରିୟ ଥାଇପାରନ୍ତି। ଏହି ଅଭିଯୋଗର ସତ୍ୟତା ତଦନ୍ତ ହେବା ଅତ୍ୟନ୍ତ ଜରୁରୀ।

**ଗୋଆ–ପୁରୀ–ବ୍ରହ୍ମପୁର ଲିଙ୍କ ନେଇ ପ୍ରଶ୍ନ**

ସମ୍ଭାବ୍ୟ ନେଟ୍‌ୱର୍କରେ ଗୋଆ, ପୁରୀ ଓ ବ୍ରହ୍ମପୁର ସହ ଯୋଗାଯୋଗ ଥିବା ନେଇ ଚର୍ଚ୍ଚା ହେଉଛି। ଯଦି ଏପରି ନେଟ୍‌ୱର୍କ ବାସ୍ତବରେ ରହିଛି, ତେବେ କିଏ ଯୁବତୀମାନଙ୍କ ସହ ଯୋଗାଯୋଗ କରୁଛି, କିଏ ସେମାନଙ୍କୁ ନେଉଛି ଏବଂ ଗନ୍ତବ୍ୟସ୍ଥଳରେ କାହା ହାତକୁ ହସ୍ତାନ୍ତର କରାଯାଉଛି- ଏସବୁ ଦିଗରେ ତଦନ୍ତ ଆବଶ୍ୟକ। ତେବେ ଏହି ଲିଙ୍କ ସମ୍ପର୍କରେ ଏପର୍ଯ୍ୟନ୍ତ ସରକାରୀ ଭାବେ କୌଣସି ନିଶ୍ଚିତ ତଥ୍ୟ ସାମ୍ନାକୁ ଆସିନାହିଁ।

**ବିଧବା ଓ ପରିତ୍ୟକ୍ତା ମହିଳା ଟାର୍ଗେଟ୍‌ରେ ?**

ଆର୍ଥିକ ଅସୁବିଧାରେ ଥିବା ବିଧବା, ସ୍ୱାମୀ ପରିତ୍ୟକ୍ତା ମହିଳା ଏବଂ ସମ୍ପର୍କରେ ଧୋକା ଖାଇଥିବା ଯୁବତୀମାନେ ଦଲାଲଙ୍କ ସହଜ ଟାର୍ଗେଟ୍ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଉଛି। ଚାକିରି, ଅଧିକ ଦରମା କିମ୍ବା ଆର୍ଥିକ ସାହାଯ୍ୟର ପ୍ରଲୋଭନ ଦେଖାଇ ସେମାନଙ୍କୁ ଫସାଯାଉଛି କି ନାହିଁ, ତାହାର ମଧ୍ୟ ତଦନ୍ତ ଆବଶ୍ୟକ।

**ଚାମୁଣ୍ଡାର ନରକଙ୍କାଳରୁ ପାଲୁଖୋଲା ମୃତ୍ୟୁ ପର୍ଯ୍ୟନ୍ତ**

କିଛିଦିନ ପୂର୍ବରୁ ଚାମୁଣ୍ଡା ପାଦଦେଶରୁ ନରକଙ୍କାଳ ମିଳିବା ଘଟଣା ଏବେ ମଧ୍ୟ ରହସ୍ୟ ଘେରରେ। କଙ୍କାଳଟି କାହାର, ମୃତ୍ୟୁ କିପରି ହୋଇଥିଲା ଏବଂ ଏହା କୌଣସି ନିଖୋଜ ବ୍ୟକ୍ତିଙ୍କ ସହ ଜଡ଼ିତ କି ନାହିଁ- ଏସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ତପ୍ତପାଣି ପାଲୁଖୋଲା ଅଞ୍ଚଳରୁ ଜଣେ ଯୁବକ ଓ ଯୁବତୀଙ୍କ ମୃତଦେହ ମିଳିଛି। ପ୍ରାଥମିକ ଭାବେ ପ୍ରେମଜନିତ ଆତ୍ମହତ୍ୟାର ସନ୍ଦେହ କରାଯାଉଥିବା ବେଳେ କୀଟନାଶକ ସେବନ ନେଇ ମଧ୍ୟ ପୋଲିସ ଅନୁମାନ କରିଛି। ତେବେ ଚୂଡ଼ାନ୍ତ ସତ୍ୟ ପୋଷ୍ଟମର୍ଟମ୍ ଓ ତଦନ୍ତ ପରେ ସ୍ପଷ୍ଟ ହେବ।

**କିଡନୀ ଓ ଅଙ୍ଗ ଚାଲାଣ ନେଇ ଚର୍ଚ୍ଚା**

ନିଖୋଜ ଘଟଣାକୁ ନେଇ କେତେକ ମହଲରେ କିଡନୀ କିମ୍ବା ଅନ୍ୟ ମାନବ ଅଙ୍ଗ ଚାଲାଣର ଆଶଙ୍କା ମଧ୍ୟ ପ୍ରକାଶ ପାଉଛି। ତେବେ ଏହା ସମ୍ପର୍କରେ କୌଣସି ନିଶ୍ଚିତ ପ୍ରମାଣ ସାର୍ବଜନୀନ ହୋଇନଥିବାରୁ ଏହାକୁ ଏବେ କେବଳ ଏକ ତଦନ୍ତଯୋଗ୍ୟ ଆଶଙ୍କା ଭାବେ ଦେଖାଯାଇପାରେ।

**କାହା ଛତ୍ରଛାୟାରେ ଦଲାଲ ନେଟ୍‌ୱର୍କ ?**

ସବୁଠାରୁ ବଡ଼ ପ୍ରଶ୍ନ- ଯଦି ମାନବ ଚାଲାଣ କିମ୍ବା ଦେହ ବ୍ୟବସାୟର କୌଣସି ନେଟ୍‌ୱର୍କ ରହିଛି, ତେବେ ତାହା ପଛରେ କିଏ ? କିଏ ଯୁବତୀମାନଙ୍କୁ ଚିହ୍ନଟ କରୁଛି ? କିଏ ଚାକିରିର ପ୍ରଲୋଭନ ଦେଉଛି ? କିଏ ଯାତାୟାତ ବ୍ୟବସ୍ଥା କରୁଛି ? ଏହାର ଉତ୍ତର ପାଇଁ ପୋଲିସ ନିଖୋଜ ମାମଲାଗୁଡ଼ିକର ପୁନଃ ସମୀକ୍ଷା କରିବା ସହ ମୋବାଇଲ୍ କଲ୍ ରେକର୍ଡ, ଯାତ୍ରା ତଥ୍ୟ, CCTV, ବ୍ୟାଙ୍କ କାରବାର ଓ ସନ୍ଦିଗ୍ଧ ମଧ୍ୟସ୍ଥଙ୍କ ଭୂମିକା ଯାଞ୍ଚ କରିବା ଦାବି ହେଉଛି। ଜଣେ ମହିଳା ନିଖୋଜ ହେବା ମାନେ ଗୋଟିଏ ପରିବାରର ଜୀବନ ଅନ୍ଧାର ହୋଇଯିବା। ତେଣୁ ନିଖୋଜ ଘଟଣାଗୁଡ଼ିକୁ ଗୁରୁତ୍ୱର ସହ ନେଇ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରିବା ଓ ଯଦି କୌଣସି ମାନବ ଚାଲାଣ ନେଟୱର୍କ ରହିଥାଏ, ତାହାକୁ ମୂଳରୁ ଧ୍ୱଂସ କରିବା ହିଁ ଏବେ ସବୁଠାରୁ ବଡ଼ ଦାୟିତ୍ୱ।

## ରଣଜୀ ଟ୍ରଫିରୁ ଓହରିଲା ଅରୁଣାଚଳ : ଫେରିଗଲା ନାଗାଲାଣ୍ଡ

**ଅହମଦାବାଦ**

ବିସିସିଆଇ ଘରୋଇ ଋତୁ ଆରମ୍ଭ ହେଉ ହେଉ ବିବାଦ ଦେଖାଯାଇଛି। ୧୭ ବର୍ଷ ପରେ ପ୍ରଥମ ଥର ଏକ ରଣଜୀ ମ୍ୟାଚ୍ ବାତିଲ ହୋଇଛି। ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ରବିବାରଠୁ ଖେଳାଯିବାକୁ ଥିବା ଅରୁଣାଚଳପ୍ରଦେଶ ଓ ନାଗାଲାଣ୍ଡ ପ୍ଲେଟ୍ ଗ୍ରୁପ୍ ରଣଜୀ ମ୍ୟାଚ୍ ବାତିଲ ହୋଇଛି। ରାଜ୍ୟ କ୍ରିକେଟ୍ ସଂଘରେ ଆଇନଗତ ବିବାଦ ଯୋଗୁଁ ଅରୁଣାଚଳ ପ୍ରଦେଶ ଚଳିତ ଋତୁର ନିଜର ପ୍ରଥମ ରଣଜୀ ମ୍ୟାଚ୍‌ରୁ ଓହରିଯାଇଛି।

ପୂର୍ବରୁ ବିସିସିଆଇ ଏହି ମ୍ୟାଚ୍ ବାତିଲ ହେବା ସୂଚନା ଦେଇଥିବାରୁ ଅହମଦାବାଦ ନରହି ନାଗାଲାଣ୍ଡ ଦଳ ଘରକୁ ଫେରିଯାଇଛି। ଅରୁଣାଚଳପ୍ରଦେଶ କ୍ରିକେଟ୍ ସଂଘ (ଏସିଏ)ର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଚାଲିଥିବାରୁ ଦଳ ଚୟନ କିମ୍ବା ଘରୋଇ ପ୍ରତିଯୋଗିତା ଲାଗି ପ୍ରସ୍ତୁତି ମଧ୍ୟ ହୋଇପାରୁନି। ଏସିଏ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ୬ଟି ଜିଲ୍ଲା ସଂଘ ଲୋୟର ସିଆଙ୍ଗ, ଅପର ସୁବନସିରି, କାମ୍‌ଲେ, ତୱାଙ୍ଗ, ୱେଷ୍ଟ ସିଆଙ୍ଗ ଓ ପପୁମ୍ ପାରେ ଅଭିଯୋଗ କରିବା ସହ ପୁନଃ ନିର୍ବାଚନ ଲାଗି ଅଡ଼ି ବସିଛନ୍ତି। ଫଳରେ ଏହି ମାମଲାର ଶୁଣାଣି ସଂପ୍ରତି ଗୁଆହାଟୀ ହାଇକୋର୍ଟ ଇଟାନଗର ବେଞ୍ଚରେ ରହିଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବିବାଦୀୟ ହୋଇପଡ଼ିଥିବା ବିହାର, ରାଜସ୍ଥାନ, ଜମ୍ମୁ କାଶ୍ମୀରର ସଂଘ ପରିଚାଳନା ଲାଗି ବିସିସିଆଇ କମିଟି ଗଠନ କରିଛି। ହେଲେ ଅରୁଣାଚଳପ୍ରଦେଶ ମାମଲା କୋର୍ଟରେ ଥିବାରୁ ବିସିସିଆଇ କୌଣସି ହସ୍ତକ୍ଷେପ କରିପାରିନି। ଯଦି ଏସିଏର ବିବାଦ ଶୀଘ୍ର ସମାଧାନ ନ ହୁଏ ତେବେ ଆସନ୍ତା ସପ୍ତାହରେ ହେବାକୁଥିବା ହିମାଚଳପ୍ରଦେଶ-ସିକିମ ମ୍ୟାଚ୍ ମଧ୍ୟ ବାତିଲ ହୋଇପାରେ।

# ୱେଷ୍ଟଇଣ୍ଡିଜ୍‌କୁ ୧୪ ରନ୍‌ରେ ହରାଇଲା ଭାରତ

**ଇନ୍ଦୋର**

ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ତୃତୀୟ ମୁକାବିଲାକୁ ଭାରତ ୧୪ ରନ୍‌ରେ ବିଜୟ ହାସଲ କରିଛି। ୨୨୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଅତିଥି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୯ ରନ୍ କରିପାରିଥିଲା। ଭାରତ ଏହି ବିଜୟ ସହିତ ଶୃଙ୍ଖଳାରେ ୨-୧ରେ ଅଗ୍ରଣୀ ହାସଲ କରିଛି।




ୱେଷ୍ଟଇଣ୍ଡିଜ ପାଇଁ କାମିଲ ପୁରନ ୪୨ ରନ୍, ସିମରନ ହେଟମେୟର ୪୩ ରନ୍, ଶେରଫେନ୍ ରଦରଫୁର୍ଡ ୩୨ ରନ୍, କ୍ୱଇଣ୍ଟିନ୍ ସାମ୍ପସନ ୨୧ ରନ୍ ସଂଗ୍ରହ କରିଥିଲେ। ସମର ସ୍ପ୍ରିଙ୍ଗର ଅପରାଜିତ ୩୫ ରନ୍ ସଂଗ୍ରହ କରିଥିଲେ। ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଭାରତ ପାଇଁ ଅର୍ଶଦୀପ ସିଂହ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ନମନ ଧୀରଙ୍କୁ ୨ଟି, ଅକ୍ଷର ପଟେଲ ଓ ନିତିଶ କୁମାର ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ଇନ୍ଦୋରସ୍ଥିତ ହୋଲକର ଷ୍ଟାଡିୟମରେ ଅତିଥି ଦଳ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା। ଭାରତ ପାଇଁ ସଂଜୁ ସାମସନ ଏବଂ ଅଭିଷେକ ଶର୍ମା ପାଳି ଆରମ୍ଭ କରିଥିଲେ। କିନ୍ତୁ ଆରମ୍ଭରୁ ଦଳ ବିପର୍ଯ୍ୟୟ ଦେଖାଯାଇ ଥିଲା। ପ୍ରାରମ୍ଭିକ ବ୍ୟାଟର ସଂଜୁ ସାମସନ ମାତ୍ର ୬ଟି ବଲ୍ ଖେଳି ପାରିଥିଲେ, ଯେଉଁଥିରୁ ସେ ୩ ରନ୍ ସଂଗ୍ରହ କରିଥିଲେ। ତେବେ ଭାରତ ୭ ରନ୍‌ରେ ପ୍ରଥମ ଏବଂ ୧୧୫ ରନ୍‌ରେ ଦ୍ୱିତୀୟ ୱିକେଟ୍ ହରାଇଥିଲା। ଦ୍ୱିତୀୟ ୱିକେଟ୍ ପାଇଁ ଅଭିଷେକ ଶର୍ମାଙ୍କ ସହିତ ଇଶାନ କିଶନ ଶତକୀୟ ଭାଗିଦାରୀ (୧୦୮ ରନ୍) କରିଥିଲେ। ଇଶାନ କିଶନ ୧୮ଟି ବଲ୍ ଖେଳି ୬ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୭ ରନ୍ ସଂଗ୍ରହ କରିଥିଲେ। କିନ୍ତୁ ଭାରତ ୧୧୭ ରନ୍‌ରେ ଅଧିନାୟକ ଶ୍ରେୟସ ଆୟରଙ୍କୁ ହରାଇଥିଲା। ଆୟର ଏକ ରନ୍ ଯୋଡ଼ିପାରିଥିଲେ।

ଭାରତ ପାଇଁ ଅଭିଷେକ ଶର୍ମା ସର୍ବାଧିକ ବ୍ୟକ୍ତିଗତ ସ୍କୋର ୬୯ ରନ୍ ସଂଗ୍ରହ କରିଥିଲେ। ସେ ୩୦ଟି ବଲ୍ ଖେଳି ୬ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ଯୁବ ବ୍ୟାଟର ତିଲକ ବର୍ମା ୨୮ ରନ୍, ନମନ ଧୀର ୧୦ ରନ୍, ନିତିଶ କୁମାର ରେଡ୍ଡୀ ୨୧ ରନ୍, ଅକ୍ଷର ପଟେଲ ୨୦ ରନ୍ ସଂଗ୍ରହ କରିଥିଲେ। ଅର୍ଶଦୀପ ସିଂହ ୧୧ ରନ୍ ଏବଂ ପ୍ରିନ୍ସ ଯାଦବ ଅପରାଜିତ ୧୩ ରନ୍ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ରୋଷ୍ଟନ ଚେଜ୍, ଶମର ଜୋସେଫ ଏବଂ ଶମସର ସ୍ପ୍ରିଙ୍ଗରଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା। ସେହିପରି କିମୋ ପଲ ଏବଂ ଗୁଡ଼ାକେଶ ମୋତି ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ଏସୀୟ ରଗ୍‌ବି ସେଭେନ୍ସ ସିରିଜ୍ ଶ୍ରୀଲଙ୍କା ଲେଗ୍-୨ : ଭାରତୀୟ ଦଳରେ ଓଡ଼ିଶାରୁ ୮




**ଭୁବନେଶ୍ୱର**

ଏସୀଅ ରଗ୍‌ବି ଏମିରେଟ୍‌ସ ସେଭେନ୍ସ ସିରିଜ୍ ଫାଇନାଲ୍ ରାଉଣ୍ଡ (ଲେଗ୍-୨) ଲାଗି ଭାରତୀୟ ଦଳ ଘୋଷିତ ହୋଇଛି। ଏହି ଦଳରେ ଓଡ଼ିଶାରୁ ୮ (୩ ପୁରୁଷ, ୫ ମହିଳା) ଜଣ ଖେଳାଳି ରହିଛନ୍ତି। ୧୨ ଜଣିଆ ପୁରୁଷ ଦଳରେ ଗଣେଶ ଧଙ୍ଗଡ଼ା ମାଝୀ, ଜୁଗଳ କିଶୋର ମାଝୀ ଓ ଆଶିଷ ସବର ରହିଥିଲା ବେଳେ ମହିଳା ଦଳରେ ଡୁମୁନି ମାର୍ଣ୍ଡି, ନିର୍ମାଲ୍ୟ ରାଉତ, ମାମା ନାଏକ, ଆରତି ମୁର୍ମୁ ଓ ପାର୍ବତୀ ହାଁସ୍‌ଦା ରହିଛନ୍ତି।

ଚଳିତ ମାସ ୧୭ ଓ ୧୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇଦିନିଆ ପ୍ରତିଯୋଗିତା ଶ୍ରୀଲଙ୍କାର କଲମ୍ବୋଠାରେ ଅନୁଷ୍ଠିତ ହେବ। ଏଥିରେ ମୋଟ ୨୪ (୧୨ ଲେଖାଏଁ ପୁରୁଷ ଓ ମହିଳା) ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନ ପୁଲ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିଲା ବେଳେ ଦ୍ୱିତୀୟ ଦିନ ନକ୍‌ଆଉଟ୍ ସହ ଫାଇନାଲ୍ ମ୍ୟାଚ୍ ଖେଳାଯିବ।

# ୟୁନିସେଫ୍ ଇଣ୍ଡିଆର ସେଲିବ୍ରିଟି ଆଡଭୋକେଟ୍ ହେଲେ ସ୍ମୃତି ମନ୍ଧାନା

**ନୂଆଦିଲ୍ଲୀ**

ୟୁନିସେଫ୍ ଇଣ୍ଡିଆ ରବିବାର ଦିନ ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ଜାତିସଂଘ ଶିଶୁ ଅଧିକାର ସଂସ୍ଥାର ସେଲିବ୍ରିଟି ଆଡଭୋକେଟ୍ ଭାବେ ନିଯୁକ୍ତ କରିଥିବା ଘୋଷଣା କରିଛି। ଏହି ନୂଆ ଭୂମିକାରେ ମନ୍ଧାନା ଶିଶୁ ଏବଂ ଯୁବପିଢ଼ିଙ୍କ ସମାନ ଅଧିକାର ତଥା ସୁଯୋଗ ପାଇଁ ଓକିଲାତି କରିବା ସହ ନିଜର ପୂର୍ବ କାର୍ଯ୍ୟକୁ ଆଗକୁ ବଢ଼ାଇବେ। ଅକ୍ଟୋବର ୧୧ ତାରିଖ ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ଏହି ନିଯୁକ୍ତି କରାଯାଇଛି। ଯାହା କନ୍ୟା ସନ୍ତାନମାନଙ୍କର ଅଧିକାର, ସୁରକ୍ଷା, ଦକ୍ଷତା ଓ ନେତୃତ୍ୱ ଉପରେ ଆଲୋକପାତ କରିବା ସହ ସେମାନଙ୍କର ବିକଳ୍ପକୁ ସୀମିତ କରୁଥିବା ବାଧାବିଘ୍ନ ଗୁଡ଼ିକ ଉପରେ ମଧ୍ୟ ଧ୍ୟାନ ଦେଇଥାଏ।

ଭାରତର କ୍ରୀଡ଼ା ଆଇକନ୍ ତଥା ଯୁବ ମହିଳା ଓ କନ୍ୟାମାନଙ୍କ ପାଇଁ ରୋଲ୍ ମଡେଲ୍ ସ୍ମୃତି ମନ୍ଧାନା, ଝିଅମାନଙ୍କୁ ଖେଳିବା ଏବଂ ଆଗକୁ ବଢ଼ିବା ପାଇଁ ସମାନ ସୁଯୋଗ ପ୍ରଦାନ କରିବା ନେଇ ଓକିଲାତି କରିବେ। କିଶୋରୀମାନଙ୍କୁ ସଶକ୍ତ କରିବା, ସେମାନଙ୍କର ସ୍ୱାସ୍ଥ୍ୟ ତଥା କଲ୍ୟାଣକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ନିଜର ସମ୍ପୂର୍ଣ୍ଣ ସାମର୍ଥ୍ୟ ଅନୁସାରେ ଆଗକୁ ବଢ଼ାଇବା ପାଇଁ ୟୁନିସେଫ୍ ଇଣ୍ଡିଆର ପ୍ରୟାସକୁ ଆଗକୁ ନେବାରେ ସେ ସହଯୋଗ କରିବେ।

ଏହି ପଦ ମିଳିବା ପରେ ସ୍ମୃତି




ମନ୍ଧାନା କହିଛନ୍ତି, 'ୟୁନିସେଫ୍ ଇଣ୍ଡିଆର ସେଲିବ୍ରିଟି ଆଡଭୋକେଟ୍ ଭାବେ ଜଡ଼ିତ ହୋଇ ମୁଁ ସମ୍ମାନିତ ମନେ କରୁଛି। ପିଲାଦିନେ କ୍ରିକେଟ୍ ଖେଳିବା ମତେ ଶିଖାଇଥିଲା ଯେ ପ୍ରତ୍ୟେକ ସ୍ୱପ୍ନ ଏକ ସୁଯୋଗରୁ ହିଁ ଆରମ୍ଭ ହୋଇଥାଏ। ପରିଶ୍ରମ, ଦୃଢ଼ ସଂକଳ୍ପ ଏବଂ ପ୍ରୋତ୍ସାହନ ଦ୍ୱାରା ସେହି ସୁଯୋଗ କିଛି ଅସାଧାରଣ ରୂପ ନେଇପାରେ। ପ୍ରତ୍ୟେକ ଶିଶୁ ଏବଂ ଯୁବପିଢ଼ିଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ ନିଜର ସମ୍ପୂର୍ଣ୍ଣ ସାମର୍ଥ୍ୟ ପ୍ରତିପାଦନ କରିବା ପାଇଁ ସୁଯୋଗ ମିଳିବା ଉଚିତ।'

ୟୁନିସେଫ୍ ଇଣ୍ଡିଆର ପ୍ରତିନିଧି ସିନ୍ଥିଆ ମ୍ୟାକକାଫ୍ରି କହିଛନ୍ତି, 'ଆମେ ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ସ୍ମୃତି ମନ୍ଧାନାଙ୍କୁ ୟୁନିସେଫ୍ ଇଣ୍ଡିଆର ସେଲିବ୍ରିଟି ଆଡଭୋକେଟ୍ ଭାବେ ସ୍ୱାଗତ କରି ବହୁତ ଆନନ୍ଦିତ। ଏକ ଆଶାୟୀ ଯୁବ ଆଥଲେଟ୍‌ରୁ ବୈଶ୍ୱିକ କ୍ରିକେଟ୍ ଆଇକନ୍ ପର୍ଯ୍ୟନ୍ତ ସ୍ମୃତିଙ୍କ ଯାତ୍ରା ଝିଅମାନଙ୍କୁ ଦେଖାଏ ଯେ ଯେତେବେଳେ ପ୍ରତିଭାକୁ ସୁଯୋଗ ମିଳେ, ସେତେବେଳେ କ'ଣ ସବୁ ସମ୍ଭବ ହୋଇପାରେ। ଏପରି ଏକ ସମୟରେ ଯେତେବେଳେ ଭାରତ ବିଶ୍ୱର ସବୁଠାରୁ ବଡ଼ ଶିଶୁ ଏବଂ ଯୁବପିଢ଼ିଙ୍କ ଘର ପାଲଟିଛି, ସେତେବେଳେ କନ୍ୟାମାନଙ୍କର ଅଧିକାର, ନେତୃତ୍ୱ ଏବଂ କଲ୍ୟାଣରେ ବିନିଯୋଗ କରିବା ଯେକୌଣସି ଦେଶ ପାଇଁ ସବୁଠାରୁ ବୁଦ୍ଧିମାନର ନିବେଶ ଅଟେ। ଆମେ ସ୍ମୃତିଙ୍କ ସହ ଏହି ସହଭାଗିତାକୁ ଆଗକୁ ନେବାକୁ ଆଶା ରଖୁଛୁ, ଯେପରି ପ୍ରତ୍ୟେକ ଝିଅକୁ ଶିଖିବା, ଖେଳିବା, ନେତୃତ୍ୱ ନେବା ଏବଂ ନିଜର ସାମର୍ଥ୍ୟ ପୂରଣ କରିବା ପାଇଁ ସୁଯୋଗ ମିଳିପାରିବ।'

ଅର୍ଜୁନ ପୁରସ୍କାର ପ୍ରାପ୍ତ ଏବଂ ଭାରତର ଜଣେ ଅଗ୍ରଣୀ ଖେଳାଳି ସ୍ମୃତି ମନ୍ଧାନା ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଅଟନ୍ତି। ସ୍ମୃତି ମନ୍ଧାନା ସେହି ଦଳର ଅଂଶ ଥିଲେ ଯେଉଁ ଦଳ ୨୦୨୫ ମସିହାରେ ଭାରତକୁ ପ୍ରଥମ ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍ ବିଜେତା କରାଇଥିଲେ। ସମାନ ବର୍ଷ ମଧ୍ୟ ମନ୍ଧାନା ପ୍ରଥମ ମହିଳା ଭାବେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦୦୦ରୁ ଅଧିକ ଦିନିକିଆ ରନ୍ ସଂଗ୍ରହ କରିବା ସହ ପାଞ୍ଚଟି ଦିନିକିଆ ଶତକ ହାସଲ କରି ରେକର୍ଡ ସୃଷ୍ଟି କରିଥିଲେ। ୨୦୨୬ ମସିହାରେ ମନ୍ଧାନା ମହିଳା ଅନ୍ତର୍ଜାତୀୟ କ୍ରିକେଟର ଏବଂ ମହିଳା ଟି୨୦ରେ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇଛନ୍ତି। ସେ ବିଶ୍ୱର ଶୀର୍ଷ ମାନ୍ୟତା ପ୍ରାପ୍ତ ମହିଳା ଦିନିକିଆ ବ୍ୟାଟ୍ସମ୍ୟାନ୍ ଅଟନ୍ତି ଏବଂ ଦୁଇ ଦୁଇ ଥର ଆଇସିସି ମହିଳା କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇସାରିଛନ୍ତି।

## ବାଂଲାଦେଶର ପ୍ରଥମ ଦ୍ରୁତ ବୋଲର ଭାବେ ଟେଷ୍ଟ ହ୍ୟାଟ୍ରିକ୍ ନେଲେ ହସନ ମହମୁଦ

**ଆବୁଧାବି**

ଅବୁଧାବିର ଶେଖ୍ ଜାୟେଦ କ୍ରିକେଟ୍ ଷ୍ଟାଡିୟମରେ ବାଂଲାଦେଶ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଏହି ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନରେ ବାଂଲାଦେଶର ଦ୍ରୁତ ବୋଲର ହସନ ମହମୁଦ ଏକ ଐତିହାସିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ବାଂଲାଦେଶ ତରଫରୁ ଟେଷ୍ଟରେ ହ୍ୟାଟ୍ରିକ୍ ନେଇଥିବା ପ୍ରଥମ ଦ୍ରୁତ ବୋଲର ବନିଯାଇଛନ୍ତି।

ହସନଙ୍କ କ୍ୟାରିୟର ଏପର୍ଯ୍ୟନ୍ତ ଚମତ୍କାର ରହିଛି। କିଛି ମାସ ପୂର୍ବରୁ ସେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ନିଜ ବୋଲିଂ ଦ୍ୱାରା ବେଶ୍ ପ୍ରଭାବିତ କରିଥିଲେ। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ବାଂଲାଦେଶ ପାଇଁ ଟେଷ୍ଟରେ ଆଲୋକ କପାଲୀ ଏବଂ ସୋହାଗ ଗାଜୀ ହ୍ୟାଟ୍ରିକ୍ ନେଇଛନ୍ତି କିନ୍ତୁ ଏହି ଦୁଇଜଣ ଯାକ ସ୍ପିନର ଥିଲେ। ଆଜି ପର୍ଯ୍ୟନ୍ତ କୌଣସି ବି ଦ୍ରୁତ ବୋଲର ଏହି ସଫଳତା ହାସଲ କରିପାରି ନଥିଲେ। ବର୍ତ୍ତମାନ ହସନ ଏହି ତାଲିକାରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଦେଇଛନ୍ତି। ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୩୪୬ ରନ୍ ସଂଗ୍ରହ କରିଥିଲା। ଏହାପରେ ଆଫଗାନିସ୍ତାନର ପ୍ରଥମ ଇନିଂସ ୨୪୦ ରନରେ ଅଲ ଆଉଟ୍ ହୋଇଯାଇଛି। ଏହିପରି ଭାବେ ବାଂଲାଦେଶ ପ୍ରଥମ ଇନିଂସରେ ୧୦୬ ରନର ଅଗ୍ରଣୀ ଲାଭ କରିଛି। ବାଂଲାଦେଶକୁ ଏହି ବଡ଼ ଅଗ୍ରଣୀ ଦେବାର ଶ୍ରେୟ ହସନ ମହମୁଦଙ୍କୁ ଯାଉଛି। ଯିଏ ୨୧ ଓଭରରେ ୫୫ ରନ୍ ଦେଇ ୫ଟି ୱିକେଟ୍ ନେଇ ଆଫଗାନିସ୍ତାନ ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିଲେ।




ଟେଷ୍ଟ କ୍ରିକେଟରେ ଚତୁର୍ଥ ଥର ପାଇଁ ହସନ ୫ଟି ୱିକେଟ୍ ନେଇଛନ୍ତି। ସେ ଦ୍ୱିତୀୟ ନୂଆ ବଲରେ ପ୍ରତିପକ୍ଷଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲେ। ହସନ ଏସମତ ଆଲମ, କୈସ ଅହମ୍ମଦ ଏବଂ ଜିଆ ଉର ରହମାନଙ୍କୁ ଆଉଟ୍ କରି ନିଜର ହ୍ୟାଟ୍ରିକ ହାସଲ କରିଥିଲେ। ହସନଙ୍କ ବ୍ୟତୀତ ଇବାଦତ ହୁସେନ ବାଂଲାଦେଶ ପାଇଁ ଚାରିଟି ୱିକେଟ୍ ନେଇଥିଲେ। ଏହି ଦୁଇ ଜଣଙ୍କ ଚମତ୍କାର ବୋଲିଂ ବଳରେ ବାଂଲାଦେଶ ବିଜୟ ଆଡ଼କୁ ନିଜର ପାଦ ବଢ଼ାଇଛି। ଆଫଗାନିସ୍ତାନର ପ୍ରଥମ ଇନିଂସର ୮୩ତମ ଓଭରରେ ହସନ ମହମୁଦ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବଲରେ ୱିକେଟ୍ ନେଇ ନିଜର ଟେଷ୍ଟ ହ୍ୟାଟ୍ରିକ ପୂରଣ କରିଥିଲେ। ହସନଙ୍କ ପୂର୍ବରୁ ବାଂଲାଦେଶ ପାଇଁ ହ୍ୟାଟ୍ରିକ ନେବାର କୀର୍ତ୍ତିମାନ ଆଲୋକ କାପାଲି ଏବଂ ସୋହାଗ ଗାଜିଙ୍କ ନାମରେ ରହିଛି।

## ଇଗଲ ସ୍ପୋର୍ଟି ମେଣ୍ଟାଶାଳ ଓ ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦ ପ୍ରସାଦ ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍‌ର ଚତୁର୍ଥ ଦିବସର ପ୍ରଥମ ମ୍ୟାଚ୍‌ରେ ବାଲୁଙ୍କେଶ୍ୱର ୱାରିଅର୍ସ ଇଗଲ ସ୍ପୋର୍ଟିଂ ମେଣ୍ଟାଶାଳକୁ ଭେଟିଥିଲା। ଟସ୍‌ରେ ବିଜୟ ଲାଭ କରି ଇଗଲ ସ୍ପୋର୍ଟିଂ ମେଣ୍ଟାଶାଳ ପ୍ରଥମେ ବ୍ୟାଟିଂ କରି ଦଳ ୧୬ ଓଭରରେ ୧୬୪ ରନ୍ କରିଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ସର୍ବାଧିକ ୩୦ରନ୍ କରିଥିଲେ। ତମାଣ୍ଡୋ ପକ୍ଷରୁ ସିପୁନ ପଟ୍ଟନାୟକ ୩ଟି ୱିକେଟ ହାସଲ କରିଥିଲେ। ଜବାବ୍‌ରେ ତମାଣ୍ଡୋ ଦଳ ୧୪ ଓଭରରେ ୧୪୨ ରନ୍‌ରେ ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଅମିତ୍ ବଡ଼ଜେନାଙ୍କୁ ଅତିଥି ରାକେଶ ମହାପାତ୍ର ଓ ସୁନୀଲ ବରାଳ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁଜଙ୍ଗ ଡେଆରବୁଲ୍ସକୁ ଭେଟିଥିଲା। ଟସ୍‌ରେ ବିଜୟ ଲାଭ କରି ଗୁରୁଜଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଗୁରୁଜଙ୍ଗ ଦଳ ୧୬ ଓଭର ରେ ୧୦ ୱିକେଟ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁବାଷ ଖଟୁଆ ସର୍ବାଧିକ ୫୬ ରନ୍ ସଂଗ୍ରହ କରିଥିଲେ। ମୁକୁନ୍ଦ ପ୍ରସାଦ ପକ୍ଷରୁ ସୌମ୍ୟ ରଂଜନ ୬ଟି ୱିକେଟ ହାସଲ କରିଥିଲେ। ଜବାବରେ ମୁକୁନ୍ଦପ୍ରସାଦ ନିଖିଲ୍ ନାୟକଙ୍କ ବିସ୍ଫୋରକ ୬୪ ରନ ସହାୟତାରେ ୮ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମୁକୁନ୍ଦ-ପ୍ରସାଦ ଦଳର ନିଖିଲ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ଅମୀୟ ରଂଜନ ମହାନ୍ତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚ୍‌କୁ ଅସିତ୍ ଶତପଥୀ, ଜୟନ୍ତ ମାର୍ଥା, ପ୍ରଶାନ୍ତ ବେହେରା, ସାନୁଜ ବିଶ୍ୱାଳ ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ। ସେହିପରି ଭାଷ୍ୟକାର ଭାବରେ ଏସ.କେ କାସିମ୍ ଓ କ୍ୟାମେରାମ୍ୟାନ ଭାବରେ ସୁରେନ୍ଦ୍ର କାର୍ଯ୍ୟ ତୁଲାଇଥିଲେ। ସୋମବାର ପ୍ରଥମ ମ୍ୟାଚ୍ ଯଦୁପୁର ବ୍ଲାଷ୍ଟରସ୍ ବନାମ ବିଏସଏ ଖୋର୍ଦ୍ଧା ଓ ଦ୍ୱିତୀୟ ମ୍ୟାଚ୍ ମିଳନ ୟୁଥ୍ କ୍ଲବ ମୁକୁନ୍ଦପ୍ରସାଦ ବନାମ ଏଲେଭେନ୍ ଷ୍ଟାର ଯାଆଁଳା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।

## ଆର୍ଜେଣ୍ଟିନାରୁ ଅବସର ପରେ ମେସିଙ୍କ ମ୍ୟାଜିକ୍ ଜାରି

**ମିଆମି**



ଜାତୀୟ ଦଳରୁ ଅବସର ନେବା ପରେ ଆର୍ଜେଣ୍ଟିନାର ମହାନ ଫୁଟ୍‌ବଲର ଲିଓନେଲ ମେସିଙ୍କ ମ୍ୟାଜିକ୍ ଜାରି ରହିଛି। ଅବସର ପରେ ରବିବାର ସେ ନିଜ କ୍ଲବ୍ ଇଣ୍ଟର ମିଆମି ପକ୍ଷରୁ ପ୍ରଥମ ମ୍ୟାଚ୍ ଖେଳିଛନ୍ତି। ମେଜର ଲିଗ୍ ସକ୍କର (ଏମ୍‌ଏଲ୍‌ଏସ୍)ରେ ଡିସି ୟୁନାଇଟେଷ୍ଟ୍ ବିପକ୍ଷ ଏହି ମ୍ୟାଚ୍‌ରେ ମେସି (୪୭, ୬୦ ମିନିଟ୍) ଦୁଇଟି ଗୋଲ୍ କରି ଦଳକୁ ସହଜ ବିଜୟ ଭେଟି ଦେଇଥିଲେ।

ଏଥିସହ ଚଳିତ ଋତୁରେ ମେସି (୨୩ ଗୋଲ୍) ଲିଗ୍‌ର ସର୍ବାଧିକ ଗୋଲ୍ ସ୍କୋରରଙ୍କ ମଧ୍ୟରେ ଶୀର୍ଷରେ ରହିଛନ୍ତି। ମେସିଙ୍କ ବାଦ ଡିସି ୟୁନାଇଟେଡ୍ ବିପକ୍ଷରେ ଲୁଇସ ସୁଆରେଜ (୩, ୩୯ ମିନିଟ୍) ମଧ୍ୟ ଦୁଇଟି ଗୋଲ୍ କରିଥିଲେ। ଫଳରେ ଇଣ୍ଟର ମିଆମି ୪-୦ରେ ବିଜୟୀ ହୋଇଥିଲା। ୪ ଦିନ ତଳେ ମେସି ବିଦାୟୀ ମ୍ୟାଚ୍ ଖେଳି ଆର୍ଜେଣ୍ଟିନା ଜାତୀୟ ଦଳ ସହ ୨୧ ବର୍ଷର ଖେଳ ଜୀବନର ଯବନିକା ପକାଇଥିଲେ।

## ମାନସିକ ସ୍ୱାସ୍ଥ୍ୟ ଦିବସର ମହତ୍ୱ ଉପରେ ଆଲୋକପାତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଟାଉନ ସ୍ଥିତ ଜିଲ୍ଲା କାରାଗାର ଠାରେ ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅଂଶୁମାନ ରଥ ଏଲ୍‌ଆର୍‌ଏଲ୍ ଟିଭି, ବିଣାପାଣୀ ତାଣ୍ଡି ଜେଏମ୍‌ଏଫ୍‌ସି, ଡା. ମନୋଜ କୁମାର ସେନାପତି ଅତିରିକ୍ତ ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା, ସନ୍ତୋଷ କୁମାର ପାଠକ ମନୋବିଜ୍ଞାନୀ ପ୍ରମୁଖ ଅତିଥି ଆଲୋଚକ ଭାବେ ଯୋଗଦେଇ ୧୯୯୨ ମସିହାରୁ ପାଳିତ ହେଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ମହତ୍ତ୍ୱ ତହିଁରେ ସରକାର ଓ ସାଧାରଣ ନାଗରିକଙ୍କ ଦାୟିତ୍ୱ ଓ ଚଳିତ ବର୍ଷର କଥାବସ୍ତୁ ପ୍ରତ୍ୟେକ ମନର କଥା ଶୁଣାଯିବ। କେବଳ ସାନ୍ତ୍ୱନା ନୁହେଁ ଯଥୋଚିତ ନ୍ୟାୟ କିପରି ମିଳିବ ସେ ବିଷୟରେ ଆଲୋଚନା କରାଯିବା ସହିତ ସୁବାସ ଚକମା ବନାମ ଭାରତ ସରକାର ଏବଂ ଅନ୍ୟମାନେ ପରମାଦେଶ ଯାଚିକା ସଂଖ୍ୟା ୧୦୮୨ମସିହା ୨୦୨୦ର ସୂଚନା ଦିଆଯାଇଥିଲା। ବିଶେଷ ଭାବେ ଜାତୀୟ ଆଇନ୍ ସେବା ପ୍ରାଧିକରଣଙ୍କ ୨୦୨୪ ମସିହା ମନୋନ୍ୟାୟ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ କାରାଗାର ଅନ୍ତେବାସୀ ମାନେ ଯାହାକିଛି ଜାଣିବାକୁ ଚାହିଁଥିଲେ ପ୍ରାଧିକରଣ ସଚିବ ସେସବୁ ସନ୍ତୋଷ ଜନକ ଭାବେ ଜଣାଇ ଥିଲେ। ମୁଖ୍ୟଦପ୍ତର ଚିକିତ୍ସାଳୟର ଡାକ୍ତର ମନସ୍ୱିନୀ ସାମଲ ଓ ଡାକ୍ତର ଦିବ୍ୟରଞ୍ଜନ ସାମଲ ଅନ୍ତେବାସୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ଭାରପ୍ରାପ୍ତ କାରାଧକ୍ଷ ପ୍ରଭାସ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ତେବାସୀମାନେ ଆଜିର ଦିବସଟିକୁ ସ୍ମରଣୀୟ ରଖିବାପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ କାରାଗାରର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ସଂଘବଦ୍ଧ ମରଣାନ୍ତକ ଆକ୍ରମଣ : ୩ ଗିରଫ

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**



ଉମରକୋଟ ଥାନା ଅଞ୍ଚଳରେ ଘଟିଥିବା ଦୁଇଟି ପୃଥକ ପୃଥକ ସଂଘବଦ୍ଧ ମାରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅବଦୁଲ ଶେଖ (୩୦), ରାଜେଶ ହରିଜନ (୩୨) ଓ ମଳୟ ଦୀପ (୨୪)।

ଘଟଣାର ସଂକ୍ଷିପ୍ତ ବିବରଣୀ : ଗତ ୧୦.୧୦.୨୦୨୬ ତାରିଖ ସକାଳ ପ୍ରାୟ ୯:୦୦ଟା ସମୟରେ ଅବଦୁଲ ଶେଖ, ସୀମାଞ୍ଚଳ ବାଗ, ମଳୟ ଦୀପ, ରାହୁଲ ଦୀପ, ରାଜେଶ ଓରଫ କାଲୁଆ ହରିଜନ, ମିଳନ ନାୟକ, ରାମ, ସନା ନାୟକ ଏବଂ ସେମାନଙ୍କର ୪୦-୫୦ ଜଣ ସହଯୋଗୀ ସଂଘବଦ୍ଧ ଭାବେ ଅନ୍ନପୂର୍ଣ୍ଣା ହୋଟେଲ ନିକଟରେ ଟିଚର କଲୋନୀର ଅଭିଷେକ ପଣ୍ଡାଙ୍କୁ ଆକ୍ରମଣ କରିଥିଲେ। ଲୁହା ରଡ୍ ଓ ପଞ୍ଚ ସାହାଯ୍ୟରେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯିବାରୁ ତାଙ୍କ ମୁହଁ, କାନ ଓ ମୁଣ୍ଡରେ ଗମ୍ଭୀର ଆଘାତ ଲାଗିଥିଲା। ଏହାର କିଛି ସମୟ ପରେ, ସକାଳ ୧୧:୦୦ଟା ସମୟରେ ସେହି ଅଭିଯୁକ୍ତମାନେ ତ୍ରିନାଥ ମନ୍ଦିର, ଉଘକ ନିକଟରେ ଶତ୍ରୁତାକୁ କେନ୍ଦ୍ର କରି ଦୀପକମଲ ମହାପାତ୍ରଙ୍କୁ ଛୁରୀ ଓ ପଥରରେ ମାରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ଛାତି, ପେଟ ଓ ଡାହାଣ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

ତଦନ୍ତ ଓ ଗିରଫଦାରୀ : ଘଟଣାର ତଦନ୍ତ କରି ପୋଲିସ ଘଟଣାସ୍ଥଳରୁ ରକ୍ତଭିଜା ପଥର, ଦୁଇଟି ବାଉଁଶ ଲାଠି, ଗୋଟିଏ ଲୁହା ରଡ୍ ଏବଂ ରକ୍ତଭିଜା ଲୁଗାପଟା ଜବତ କରିଛି। ୧୧.୧୦.୨୦୨୬ରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେ.ଏମ.ଏଫ.ସି. କୋର୍ଟ, ଉମରକୋଟକୁ ପଠାଇଛି। ପୋଲିସର ସୂଚନା ଅନୁସାରେ, ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ମଧ୍ୟ ଏକାଧିକ ଅପରାଧିକ ମାମଲା ରହିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHARMAGADA
Email:-rw_dharmagarh@yahoo.com
25001/1305/2627
BID IDENTIFICATION NO. DMGH/Online-05 OF 2026-27 Dates : 28.09.2026

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the Work : Building works in the district of Kalahandi as mentioned in DTCN
2. Total No of Works : 05 Nos.
3. Estimated Cost : Rs.17.68 lakhs to Rs.46.50 lakhs
4. Period of Completion : 03 Calendar Month
5. Other Details :

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 15.10.2026 At 11.00 AM | 31.10.2026 Up to 5.00 PM | 30.10.2026 Up to 5.00 PM | 02.11.2026 At 11.00 AM |

Further details can be seen from the website www.tendersorissa.gov.in

OIPR-25001/25100/1/26-27/0005
Sd/- Superintending Engineer
Rural Works Division, Dharmagada

# ମା' ରାମଚଣ୍ଡୀ ପୀଠରେ ମାତୃଶକ୍ତିଙ୍କ ପୂଜାର୍ଚ୍ଚନା

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**



ଲପଙ୍ଗା ରାମଚଣ୍ଡୀ ପୀଠରେ ପ୍ରତିବର୍ଷ ଭଳି ମହାଳୟା ଅବସରରେ ଏକ ସ୍ୱତନ୍ତ୍ର ବୈଠକ ବିସାଶହେ କୁଲତା ସମାଜର ବାର୍ଷିକ ସାମାଜିକ ବନ୍ଧୁ ମିଳନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଶନିବାର ଭୋର ସକାଳ ୪ ଟାରୁ ଗ୍ରାମର ସମସ୍ତ ମାତୃଶକ୍ତି ମିଳିତ ହୋଇ ପାରମ୍ପରିକ ଜଳଖିଆ ଯଥା-କାକରା, ମଣ୍ଡା, ଆରିସା, ମୁଗ ବରା ଇତ୍ୟାଦି ତିଆରି କରି ପରିଶେଷରେ ମା'ଙ୍କ ପୂଜା ଭୋଗ ଧରି ସକାଳ ୭.ଟା ୩୦ରେ ଗାଁ ମଝିରେ ଶ୍ରୀ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୀଠରେ ପୂଜାର୍ଚ୍ଚନାରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହିଥିଲେ। ପୂଜା ଆରମ୍ଭରେ ମା' ରାମଚଣ୍ଡୀଙ୍କ ଭଜନ ଗାଇଥିଲେ। ଭଜନ ଗାଇ ସାରିବା ପରେ ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ଏକ ବର୍ଷ ଭିତରେ ସମାଜର କିଛି ଲୋକଙ୍କ ପରଲୋକ ହୋଇଥିବାରୁ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନ କରାଯାଇଥିଲା। ପରେ ଏହି ଉତ୍ସବକୁ ଲପଙ୍ଗା ପୀଠାଧିଶ ପ୍ରଦିପ କୁମାର ସାହୁ, ପୀଠ ସଭାପତି ଲଳିତ ସାହୁ ସମାଜର ଉତ୍ତରୋତ୍ତର ଉନ୍ନତି ନିମିତ୍ତ ଯୁବ ପିଢ଼ି ଆଗେଇବା ପାଇଁ ଉଦବୋଧନ ଦେଇଥିଲେ। ଭଟ୍‌ଲି ଓଏଭିର ଅଧ୍ୟକ୍ଷ କ୍ଷତି ଭୂଷଣ ବିଶ୍ୱାଳ, ଅଡ଼ା ପରା ପୀଠ ସଭାପତି ରଘୁମଣି ପଧାନ, କଦେଲପିଟା ପିଠ ସଭାପତି କ୍ଷୀରୋଦ ପଧାନ, ଠେମରା ପୀଠ ଉପ ସଭାପତି ଦିଲିପ ବଡାଇ, ମୁରା ପୀଠ ଉପ ସଭାପତି ଶ୍ୟାମସୁନ୍ଦର ପଧାନ, ବଣେଇ ଗୋବିନ୍ଦପୁର ପୀଠ ସଭାପତି ନିତ୍ୟାନନ୍ଦ ବେହେରା, ତବଲା ସାତପାଳି ସଭାପତି ସୁରେନ୍ଦ୍ର ବାରିକ ନିଜ ନିଜ ମତ ରଖିଥିବା ବେଳେ ପ୍ରଗଣା ସଭାପତି ଦୁର୍ଗା ପ୍ରସାଦ ସାହୁ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଲପଙ୍ଗା ପୀଠର ସଭ୍ୟ ସୁରେନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ସ୍ୱାମ୍ବାଦିକ ତଥା ଉଦ୍ୟୋକ୍ତା ଶେଖର ବିଶି ନିଜ ଅଭିଭାଷଣ ରଖିଥିବାବେଳେ ଲାଲିତ ସାହୁ ଓ ସୁରେନ୍ଦ୍ର ପ୍ରଧାନ ସମ୍ପାଦନା ମଣ୍ଡଳି କାର୍ଯ୍ୟ ତୁଲାଇ ଥିବା ବେଳେ ପୀଠ କମିଟି ସଭ୍ୟ ରମେଶ ବାରିକ ବକ୍ତବ୍ୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପୀଠ କମିଟି ସଭ୍ୟ ରମେଶ ବାରିକ ବକ୍ତବ୍ୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମର ସମାଜ ଭାଇ ତଥା ମା' ଭଉଣୀ ମିଳିତ ହୋଇ ଗାଁ ମୁଣ୍ଡରୁ ସମସ୍ତ ଅତିଥିଙ୍କୁ ପଦଧୌତ ସାରି ସିନ୍ଦୁର ଚନ୍ଦନ ଫୁଲମାଳ ଦେଇ ସଂକୀର୍ତ୍ତନ କରି ପାଛୋଟି ଆଣିଥିଲେ। ସମସ୍ତ ପୂଜା କାର୍ଯ୍ୟ ଲପଙ୍ଗା ରାମଚଣ୍ଡୀ ମନ୍ଦୀର ପୂଜକମାନେ ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ଗଣ୍ଡଘୋରା ଖାଲିଆ କାନି ଗ୍ରାମର ଶ୍ରୀମାନ ଫକିର ବଡ଼ାଇଙ୍କୁ ପୀଠ ଗୌରବ ସମ୍ମାନ, ସମା ସିଂହାର ଶ୍ରୀମାନ କ୍ଷୀରୋଦ ପ୍ରଧାନଙ୍କୁ ଶ୍ରବଣ କୁମାର ସମ୍ମାନ, ବୁଚାମୁଣ୍ଡାର ଜୟସ୍ୱିନୀ ବେହେରା ଓ ସମ୍ବଲପୁର ଜିଲ୍ଲା ତଲାବିରା ବୁଧିଆପାଲିର ରମ୍ଭାବତିଙ୍କୁ ଆଦର୍ଶ ଗୃହିଣୀ ସମ୍ମାନ, ଢରୋପାଣି ଗ୍ରାମର ସୁଶ୍ରୀ ଗାୟତ୍ରୀ ସାହୁଙ୍କୁ ସ୍ୱତନ୍ତ୍ର ପ୍ରତିଭା ସମ୍ମାନ, ରୁନିମହୁଲ ଲୁହାଖଣ୍ଡି ଗ୍ରାମର ଯୁଧିଷ୍ଠିର ସାହୁଙ୍କୁ କୃଷି କର୍ମ ସମ୍ମାନ, ଝାରସୁଗୁଡ଼ା ସରବାହାଲର ଗୀତାଞ୍ଜଳି ବଡାଇଙ୍କୁ ସ୍ୱତନ୍ତ୍ର କୃତିତ୍ୱ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏ ଅବସରରେ ଲପଙ୍ଗା ପୀଠର ବାର୍ଷିକ ପତ୍ରିକା 'ସ୍ମୃତି ସୌରଭ'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଗ୍ରାମର ସମସ୍ତ ଯୁବ ବନ୍ଧୁମାନେ ଅନ୍ନ ପ୍ରସାଦ ପରିବେଷଣ କରିବାରେ ସହଯୋଗ କରିଥିଲେ।

